ଧରିତ୍ରୀ
DHARITRI
June 22-28, 2025 ₹ 2/-
ଧରିତ୍ରୀ DHARITRI 51 Years

# ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ

# ଦିବ୍ୟ ଭାବନାରେ..

ଏମାନେ ସମସ୍ତେ ଦୃଷ୍ଟିବାଧିତ
ସତ, କିନ୍ତୁ ଭଜନ, ଜଣାଣ
ଗାଇ ଭାବର ଆଖିରେ
ଦର୍ଶନ କରିଛନ୍ତି
ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ...

## କେଉଁଠି ରଖିବେ ମା' ଲକ୍ଷ୍ମୀଙ୍କ ଚରଣ ଚିହ୍ନ

ମାତା ଲକ୍ଷ୍ମୀଙ୍କୁ ଧନ,ସମୃଦ୍ଧିର ଦେବୀ ବୋଲି କୁହାଯାଏ। ନିଷ୍ଠାର ସହ ତାଙ୍କୁ ପୂଜିଲେ ଘରେ ସୁଖଶାନ୍ତି ବଢିବା ସହ ଐଶ୍ୱର୍ଯ୍ୟ ବୃଦ୍ଧି ହୁଏ ବୋଲି ବିଶ୍ୱାସ ରହିଛି। କେବଳ ମା'ଙ୍କ ପ୍ରତିମା ନୁହେଁ ତାଙ୍କର ଚରଣ ଚିହ୍ନ ବି ବହୁତ ଶୁଭ ହୋଇଥାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ ମା'ଙ୍କ ଚରଣ ଚିହ୍ନ ଘରେ କେଉଁଠି ରଖିଲେ ଶୁଭଫଳ ମିଳେ ଜାଣନ୍ତୁ ସେ ସମ୍ପର୍କରେ...



❖ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ମୁଖ୍ୟଦ୍ୱାର ନିକଟରେ ଯେମିତି ସ୍ୱସ୍ତିକ ଚିହ୍ନ କିମ୍ବା ଓଁ ଲେଖିବା ଶୁଭ ହୋଇଥାଏ। ଠିକ୍ ସେମିତି ମାତା ଲକ୍ଷ୍ମୀଙ୍କ ଚରଣ ଚିହ୍ନ ଲଗାଇବା ମଧ୍ୟ ଶୁଭ ହୋଇଥାଏ। କୁହାଯାଏ, ଏହାଦ୍ୱାରା ଘରେ ସୁଖ, ସମୃଦ୍ଧି ବୃଦ୍ଧି ହେବା ସହ ନକାରାତ୍ମକ ଉର୍ଜ୍ଜା ନଷ୍ଟ ହୋଇ ସକରାତ୍ମକ ବାତାବରଣ ଖେଳିଯାଏ।

❖ମାତା ଲକ୍ଷ୍ମୀଙ୍କର ଆଶୀର୍ବାଦ ପାଇବାକୁ ଘରେ ଯେମିତି ତାଙ୍କର ମୂର୍ତ୍ତି ଅବା ଫଟୋକୁ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଏ, ଠିକ୍ ସେମିତି ତାଙ୍କର ଚରଣ ଚିହ୍ନକୁ ବି ପୂଜାଘରେ ସ୍ଥାପନା କରି ପୂଜାର୍ଚ୍ଚନା କରିବା ଶୁଭ ହୋଇଥାଏ।

❖ରୋଷେଇ ଘରର ଗୋଟେ କୋଣକୁ ପରିଷ୍କାର କରି ସେଠି ବି ମାତା ଲକ୍ଷ୍ମୀଙ୍କ ଚରଣ ଚିହ୍ନ ରଖି ନିୟମିତ ପୂଜାର୍ଚ୍ଚନା କଲେ ଘରେ କେବେ ବି ଅଭାବ ଦେଖାଯାଏ ନାହିଁ ବୋଲି ବିଶ୍ୱାସ କରାଯାଏ।

❖ମା'ଙ୍କର ଚରଣ ଚିହ୍ନ ଯେଉଁଠି ବି ରଖିବେ, ସେହି ସ୍ଥାନକୁ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବା ଆବଶ୍ୟକ। ମୁଖ୍ୟଦ୍ୱାର ନିକଟରେ ରଖୁଥିଲେ, ଧ୍ୟାନଦେବେ ଯେମିତି ଦ୍ୱାର ଖୋଲିବା କିମ୍ବା ବନ୍ଦ କରିବା ସମୟରେ ସେଥିରୁ କୌଣସି ପ୍ରକାରର ଶବ୍ଦ ଆସୁ ନଥିବ। କାରଣ ଏହି ଶବ୍ଦଦ୍ୱାରା ଘରେ ନକାରାତ୍ମକ ଉର୍ଜ୍ଜା ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୨୨-୨୮, ୨୦୨୫

### ମେଷ



ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବ, ଉଦ୍ୟମ ନିଷ୍ଫଳ ହେବ ନାହିଁ, ସମସ୍ୟା ସମାଧାନ ହେବ, ବନ୍ଧୁଙ୍କ ସାହାଯ୍ୟ ପାଇବେ, ପଡୋଶୀଙ୍କ ସହଯୋଗ ମିଳିବ,ଅର୍ଥାଭାବ ଅନୁଭବ କରିବେ, ଦୂରଯାତ୍ରା କରିବେ, ପାରିବାରିକ ମତଭେଦ ଘଟିବ ॥

### ବୃଷ


କର୍ମ ପରିସର ବୃଦ୍ଧି, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ବୈଷୟିକ ଅଭିବୃଦ୍ଧି, ଆତ୍ମୀୟଙ୍କ ଅପପ୍ରଚାର, ଯାନ୍ତ୍ରିକ ତ୍ରୁଟି, ଯାତ୍ରାସ୍ଥଗିତ ରହିବ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ନୂତନବନ୍ଧୁ ସମ୍ପର୍କ, ରୋଗପୀଡା ଉପଶମ ହେବ, ପାରିବାରିକ ମତାନ୍ତର,ଖର୍ଚ୍ଚଭାର ବୃଦ୍ଧିରୁ ଅସ୍ଥିରତା ॥

### ମିଥୁନ



କୌଶଳପୂର୍ଣ୍ଣ କାର୍ଯ୍ୟାବଳୀ, କୁଟନୀତିରେ କାର୍ଯ୍ୟସାଧନ, ବିବାଦୀୟ ଘଟଣାରେ ବିଜୟ, ପ୍ରିୟଜନଙ୍କ ସାନ୍ନିଧ, ପରୋକ୍ଷ ଶତ୍ରୁତା, ବକେୟା ଅର୍ଥପ୍ରାପ୍ତି, କର୍ମକ୍ଷେତ୍ରରେ ଗୌରବ, ସହକର୍ମୀଙ୍କ ସୌହାର୍ଦ୍ଧ୍ୟ, ବ୍ୟବସାୟିକ ଉତ୍କର୍ଷତା ॥

### କର୍କଟ


କାର୍ଯ୍ୟସ୍ଥଗିତ ରହିବ, ଭୁଲ୍‌କାମ କରିପାରନ୍ତି, ଅର୍ଥସଂକଟ ଦୂର ହେବ, ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ପରିସ୍ଥିତି ବଦଳିପାରେ, କାମରେ ଅନ୍ତରାୟ, ସହକର୍ମୀଙ୍କ ଅସହଯୋଗ, ମକଦ୍ଦମାରୁ ଟେନସନ୍ ॥

### ସିଂହ


କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି, ଲୋକସମ୍ପର୍କ ବଢିବ, ସମୟାନୁବର୍ତ୍ତିତାରୁ ପ୍ରଶଂସା, ମୂଲ୍ୟବାନ୍ ଦ୍ରବ୍ୟ ବିକ୍ରୟ, ଆର୍ଥିକ ଅନଟନ, କ୍ରନିକ୍ ରୋଗରେ ପୀଡାବୃଦ୍ଧି, ରପ୍ତାନୀ ବାଣିଜ୍ୟରେ ପ୍ରତିବନ୍ଧକ, ପ୍ରିୟବନ୍ଧୁଙ୍କ ସାନ୍ତ୍ୱନା ॥

### କନ୍ୟା



ପାରିବାରିକ ସଦ୍‌ଭାବ, ବନ୍ଧୁ ପରିଜନ ମିଳନ, ସାହିତ୍ୟ କୃତିରୁ ପ୍ରଶଂସା, ସନ୍ତାନଙ୍କ କୃତିତ୍ୱ, ରଚନାତ୍ମକ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଆତ୍ମୀୟଙ୍କ ଅନାଦର, ଯାତ୍ରାକାଳୀନ ଅସୁବିଧା, ଏଜେନ୍ସିପ୍ ବଢିବ, ସାଂଗଠନିକ ସଭାକୁ ଆହ୍ୱାନ ॥

### ତୁଳା


ବିବାଦର ପରିସମାପ୍ତି, ଉଦ୍ୟମ ନିରର୍ଥକ ହେବନି, ନୂତନଗୃହାରମ୍ଭ କରିପାରନ୍ତି, ସାମାଜିକ ସମ୍ମାନ, ଗଠନମୂଳକ ପ୍ରେରଣା, କର୍ମକ୍ଷେତ୍ରରେ ବାକ୍ ଯୁଦ୍ଧ, ଅର୍ଥସଂକଟ ଦୂରୀକରଣ, ସଂସ୍କୃତି ଜ୍ଞାନ ବଢିବ, ଉପରିସ୍ଥଙ୍କ ଅନୁକମ୍ପା, ଆଇନ ସହାୟତା ପ୍ରାପ୍ତି ॥

### ବିଛା



ନୂତନଯୋଜନା କରିବେ, ପଡୋଶୀଙ୍କ ପ୍ରେରଣା, ମଙ୍ଗଳଜନକ କାର୍ଯ୍ୟାରମ୍ଭ, ଜମିଜମା ବିକ୍ରୟ ଚିନ୍ତା, ପରିବାରରେ ବିତର୍କ, ବନ୍ଧୁଙ୍କ ସହଯୋଗ, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନୀ, ଋଣ କରିପାରନ୍ତି, ଭ୍ରାତୃସମ୍ପର୍କ ହ୍ରାସ, ସଭାସମିତିକୁ ଆହ୍ୱାନ ॥

### ଧନୁ


କର୍ମକ୍ଷେତ୍ରରେ ସମସ୍ୟା, ଅପ୍ରିୟ ଭାଷଣରୁ ଅଶାନ୍ତି, ମିତ୍ରବନ୍ଧୁଙ୍କ ବିରୋଧ, ଅନ୍ୟମନସ୍କ ରହିପାରନ୍ତି, ପାରିବାରିକ ସଦ୍‌ଭାବ, ରୋଗପୀଡା କମିବ, ପ୍ରତିଯୋଗିତାରେ ପ୍ରତିବନ୍ଧକ, ସାଂସ୍କୃତିକ କାର୍ଯ୍ୟାରମ୍ଭ, ସଙ୍ଗୀତ ସାଧନାରେ ରୁଚି ॥

### ମକର


କର୍ମଜଞ୍ଜାଳ ବୃଦ୍ଧି, ପ୍ରତିବନ୍ଧକ ଦୂର ହେବ, କାମ ଅଟକିବ ନାହିଁ, ପ୍ରଶଂସନୀୟ କାମ କରିବେ, ମନୋବଳ ବୃଦ୍ଧି ପାଇବ, ନିର୍ମାଣ ସ୍ଥଗିତ ରହିବ, ଜମିଜମା ବିବାଦ, ପରିବାରରେ ବିତର୍କ, ସାହିତ୍ୟ ଚର୍ଚ୍ଚାରେ ଅନୁରାଗ, ଅର୍ଥସଂକଟ ଦେଖାଦେବ ॥

### କୁମ୍ଭ


ମାନସିକ ଅଶାନ୍ତି, ସାମୟିକ ସ୍ୱାସ୍ଥ୍ୟହାନୀ, କର୍ମକ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ, ସମସ୍ୟା ସମାଧାନ, ନୂତନ ଯୋଜନାରମ୍ଭ, ପାରିବାରିକ ସହମତି, ମକଦ୍ଦମା ଫଇସଲା ହେବ, ଅଧ୍ୟୟନରେ ଏକାଗ୍ରତା, ସତ୍‌ସଙ୍ଗର ସୁଯୋଗ ଲାଭ ॥

### ମୀନ


ପାରିବାରିକ ସଦ୍‌ଭାବ, ବୈଷୟିକ ଅଭିବୃଦ୍ଧି, କଳା କ୍ରୀଡା ଚଳଚ୍ଚିତ୍ରରେ ଉନ୍ନତି, ମାନସିକ ଚାପ ବଢିବ, ଅନ୍ୟମନସ୍କ ରହିବେ, ବନ୍ଧୁ ସହ ବାକ୍‌ଯୁଦ୍ଧ, ପରସ୍ପର ଦୋଷାରୋପ, ବିଳାସ ଉପକରଣ କ୍ରୟ, ଆଧ୍ୟାତ୍ମିକତା ବୃଦ୍ଧି, ଦୂରଯାତ୍ରା କରିବେ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ୍ ॥

## ପିଲାଙ୍କ ରୁମ୍‌ରେ କ'ଣ ରଖିବା ଶୁଭ!



ପିଲା ଖୁସି ରହିଲେ ଘର ହସି ଉଠେ। ପିଲା ଦୁଃଖରେ ଥିଲେ ସବୁ ଫିକାଫିକା ଲାଗେ। ତେଣୁ ପିଲାମାନେ କେମିତି ଖୁସି ଖୁସି ରହିବେ, ସେଥିପ୍ରତି ଅଭିଭାବକମାନେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ପିଲାଙ୍କୁ ମୂଲ୍ୟବାନ ସମୟ ଦେବା ସହ ସେମାନଙ୍କର ଶାରିରୀକ ଓ ମାନସିକ ବିକାଶ କେମିତି ଭଲରେ ହୋଇପାରିବ, ସେଥିପ୍ରତି ମଧ୍ୟ ଯତ୍ନବାନ ହେବା ଜରୁରୀ। ତେବେ ବାସ୍ତୁଶାସ୍ତ୍ର କହେ, ପିଲାଙ୍କ ରୁମ୍‌ର ସାଜସଜ୍ଜା ବି ସେମାନଙ୍କ ମାନସିକତା ଉପରେ ଅନେକ ପ୍ରଭାବ ପକାଇଥାଏ। ତେଣୁ ସେମାନଙ୍କ ରୁମ୍‌ରେ କେଉଁ ଜିନିଷ ରଖିବା ଆବଶ୍ୟକ ଓ କେଉଁ ଜିନିଷ ନୁହେଁ, ସେଥିପାଇଁ ବି କିଛିଟା ନିୟମ ରହିଛି। ଯେମିତିକି: ପିଲାଙ୍କ ରୁମ୍‌ରେ ଦର୍ପଣ ରଖିବାକୁ ନେଇ ବାସ୍ତୁଶାସ୍ତ୍ରରେ ବାରଣ ରହିଛି। ଏହା ସେମାନଙ୍କ ମାନସିକ ବିକାଶ ପାଇଁ ଆଦୌ ଶୁଭଙ୍କର ହୋଇ ନଥାଏ। ସେହିପରି ପିଲାଙ୍କ ରୁମ୍‌ରେ ଭଙ୍ଗାରୁଜା ଖେଳନା, କଣ୍ଟା ଜାତୀୟ ଗଛ, କଳା ରଙ୍ଗର ଚିତ୍ର ଅଥବା କୌଣସି ନକରାତ୍ମକ ଛବି ରଖିବା ବି ଠିକ୍ ନୁହେଁ। ଏହା ସେମାନଙ୍କ ମାନସିକତା ଉପରେ ଖରାପ ପ୍ରଭାବ ପକାଇଥାଏ ବୋଲି ବିଶ୍ୱାସ କରାଯାଏ। ଅନ୍ୟପକ୍ଷେ ପିଲାଙ୍କ ରୁମ୍‌ରେ ଭଲ ଭଲ ବହି, ଫୁଲ, ପ୍ରାକୃତିକ ସୁନ୍ଦରତାକୁ ଦର୍ଶାଉଥିବା ଛବି, ସଙ୍ଗୀତ ସହ ଜଡିତ ଉପକରଣ ଆଦି ରଖିବା, ସେମାନଙ୍କ ମାନସିକତା ଉପରେ ସକରାତ୍ମକ ପ୍ରଭାବ ପକାଇବା ସହ ସେମାନଙ୍କର ରଚନାତ୍ମକ କ୍ଷମତାକୁ ବୃଦ୍ଧି କରିବାରେ ବି ସହାୟକ ହୋଇଥାଏ। ପିଲାଙ୍କର ସୁଖ ନିଦ୍ରା ପାଇଁ ମଧ୍ୟ ଏସବୁ ଜିନିଷ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

## ପାଠକୀୟ

➔କୁଆଁରୀ ଝିଅଙ୍କ ରଜ ସଜବାଜ ଯାହା ବିନା ପୁରା ହୁଏନା। ଆଉ ନାରୀ ଶୃଙ୍ଗାର ; ଯାହା ବିନା ଅଧା। ସେ ଅଳତା! ଅଳତାର ନାଲି ରଙ୍ଗ କେବଳ ଆକର୍ଷଣୀୟ ନୁହେଁ, ଏହା ଆମ ପୂଜା ପରମ୍ପରାର ବି ଏକ ଅଂଶ। ତେଣୁ ଏଭଳି ଏକ ସୁନ୍ଦର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ଅଳତା' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

*– ରଘୁନାଥ ସାହୁ, ଭଦ୍ରକ*

➔ଅଳତା! କୁଆଁରୀ ଝିଅଙ୍କ ପାଦର ଶୋଭା। ନବବଧୂଙ୍କ ସୌଭାଗ୍ୟର ପ୍ରତୀକ ଆଉ ସଧବା ନାରୀଙ୍କ ଶୃଙ୍ଗାର ଯେମିତି ଏହା ବିନା ଅଧା। ଅଳତାର ନାଲି ରଙ୍ଗ କେବଳ ଆକର୍ଷଣୀୟ ନୁହେଁ, ଏହା ଆମ ପୂଜାପର୍ବ ଓ ପରମ୍ପରାର ବି ଏକ ଅଂଶ। ଅଳତାର ବହୁବିଧ ବ୍ୟବହାରକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ଅଳତା' ଶୀର୍ଷକ ଆଲେଖ୍ୟଟି ତଥ୍ୟପୂର୍ଣ୍ଣ ଥିଲା।

*– ତନୁଜା ମହାନ୍ତି, ରାଉରକେଲା*

➔'ୟୁରୋପରେ ହିନ୍ଦୁ ଗାଁ' ଶୀର୍ଷକ ପାଠଟି ଏକ ନିଆରା ଆଲେଖ୍ୟ ଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଦୋଳି' ଶୀର୍ଷକ ଗପଟି ବି ଖୁବ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଥିଲା। ଖାସ୍ କରି ଏଥିରେ ସ୍ଥାନିତ 'ନୁସରତଙ୍କ ଟିପ୍ସ', 'ଜ୍ୱାଇଁ ପୁଅର ଜୀବନ ବୀମା' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ସୁନ୍ଦର ଥିଲା।

*– ବନ୍ଦନା ପୂଜାରୀ, ଝାରସୁଗୁଡ଼ା*

➔ ସାହିତ୍ୟିକା ରୋଜାଲିନି ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ବି ଖୁବ୍ ରୋମାଣ୍ଟିକ୍‌ଭରା ହୋଇଥିଲା। 'ରକ୍ତଦାତା ପରିବାର' ଶୀର୍ଷକ ପାଠଟି ବି ଏକ ସମୟୋପଯୋଗୀ ତଥା ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ମଡେଲ୍ ମିରର୍‌ରେ ସ୍ୱପ୍ନା ଖୁବ୍ ସୁନ୍ଦରୀ ଦେଖାଯାଉଥିଲେ।

*– ରଞ୍ଜିତ୍ ପଟ୍ଟନାୟକ, ଫୁଲବାଣୀ*

➔ ଶାନ୍ତ ମନୋରମ ସ୍ଥାନ ପେଲିଙ୍ଗ୍ ସମ୍ପର୍କରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରୁ 'ସଣ୍ଡେ ହଲି ଡେ' କେବେଠୁ ହେଲା' ସେ ସମ୍ପର୍କରେ ବି ଅନେକ ଜ୍ଞାନ ମିଳିଲା। ସେହିପରି 'ନକଲିର ସ୍ୱର୍ଣ୍ଣକାଳ' ଶୀର୍ଷକ ବ୍ୟଙ୍ଗ ଲେଖାଟି ବି ଏକ ଶିକ୍ଷଣୀୟ ବିଷୟ ଥିଲା।

*– ଅଭିଜ୍ଞାନ ଷଡଙ୍ଗୀ, କେନ୍ଦ୍ରାପଡ଼ା*

➔ ଛୁଟିଦିନର ମୁଁ ଜଣେ ବିଦଗ୍ଧ ପାଠକ। ଏହାର ପ୍ରଚ୍ଛଦ ପ୍ରସଙ୍ଗ ସବୁଥର କିଛିଟା ନିଆରା ତଥ୍ୟ ଦେଇଥାଏ। ସେହିପରି ଗପ, ସାଥୀ, ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠା ପଢିବାକୁ ବହୁତ ଭଲ ଲାଗେ। ପ୍ରଥମ ରୋଜଗାରର ଅନୁଭୂତି ବି ବେଶ୍ ପ୍ରେରଣାଦାୟୀ ହୋଇଥାଏ।

*– ରାକ୍ଷୀ ଟିନାରା, ପଟିଆ, ଭୁବନେଶ୍ୱର*

### ବିଶେଷ ଚିଠି




ଅଳତାକୁ ନେଇ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ସୁନ୍ଦର ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ୟୁରୋପରେ ହିନ୍ଦୁ ଗାଁ ବି ଥିଲା
ଏକ ଚମତ୍କାର ଆଲେଖ୍ୟ,
ମନ କିଣି ନେଉଥିଲା ପୁଣି
ତୁମ ପୃଷ୍ଠା ବ୍ୟକ୍ତିତ୍ୱ।
ହେ ମୋର ପ୍ରିୟ ଛୁଟିଦିନ
ତୁମର ସବୁ ପୃଷ୍ଠା ଲାଗେ ନୂତନ।

*–ଅଶୋକ ରାଉଳ, କେନ୍ଦୁଝର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଦିବ୍ୟ ଭାବନାରେ..



**ସେ** ଇଚ୍ଛାମୟ, କରୁଣାସାଗର କେବେ କାହାରିକୁ ନିରାଶ କରିନାହାନ୍ତି । ସେଥିପାଇଁ ତ ସେ ବଡ଼ଦେଉଳରୁ ବାହାରି ଆସନ୍ତି ବଡ଼ଦାଣ୍ଡକୁ ଆଉ ଭୁଜବଢ଼ାଇ ନିଅନ୍ତି ତାଙ୍କ ଆଶ୍ରିତଜନଙ୍କୁ। ବୁଝିପାରନ୍ତି ସବୁରି ଦୁଃଖସୁଖକୁ। ଦୃଷ୍ଟି ନ ଥିବା ଦୃଷ୍ଟିବାଧିତଙ୍କ ଭଜନ କୀର୍ତ୍ତନର ଭକ୍ତି ଭାବରେ ଦିଅନ୍ତି ଦର୍ଶନ।

**ପ୍ରଭୁ ମୋ ମନକଥା ବୁଝନ୍ତି:** ଆଖି ତ ଦେଇନ ଆହେ ଚକା ଆଖି, କେମିତି ଦେଖିବ ତୁମକୁ ମୋ ଆଖି। ମୋ ପାଇଁ ତ କେବେ ସୂରୁଜ ଉଏଁନି, ଜହ୍ନ ବି ହସେନି, ତାରା ବି ଫୁଟେନି... । ଏହି ସଙ୍ଗୀତକୁ ଯେତେବେଳେ ଜଣେ ଦୃଷ୍ଟିବାଧିତଙ୍କ କଣ୍ଠସ୍ୱରରୁ ଶୁଭେ ସେତେବେଳେ ସ୍ତବ୍ଧ ହୋଇପଡ଼େ ସେଠାର ପରିବେଶ । ନିରବିଯାନ୍ତି ଶ୍ରୋତା। କଣ୍ଠଦାନ କରୁଥିବା କଣ୍ଠଶିଳ୍ପୀଙ୍କୁ ଧନ୍ୟଧନ୍ୟ କହିଥାନ୍ତି ଦର୍ଶକ। ସେମିତି ଜଣେ କଣ୍ଠଶିଳ୍ପୀ ହେଲେ **ପୂର୍ଣ୍ଣଚନ୍ଦ୍ର ଦାସ**। ସେ କୁହନ୍ତି, 'ଆମ ଘର କେନ୍ଦ୍ରାପଡ଼ା ଜିଲା ପଳସିଂଙ୍ଗା ଗାଁରେ । ଜନ୍ମରୁ ମୁଁ ଦୃଷ୍ଟିବାଧିତ ହୋଇଥିବାରୁ ପରିବାରରେ ଚିନ୍ତିତ ଥିଲେ। ତା'ର ଭବିଷ୍ୟତ କ'ଣ ହେବ ? ହେଲେ ମୁଁ ଏବେ କେନ୍ଦ୍ରୀୟ ବିଦ୍ୟାଳୟରେ ଜଣେ ସଙ୍ଗୀତ ଶିକ୍ଷକ ଭାବେ କାର୍ଯ୍ୟରତ। ପିଲାଦିନେ ଆମ ଗାଁର ଗଣକବି ଗୋପାଳ ଦାସଙ୍କ ରଚିତ ଗୀତିନାଟ୍ୟରେ ମୋ ବାପା ଅଭିନୟ କରୁଥିବାରୁ ସେ ଘରେ ବି ଭଜନ ଗାଉଥିଲେ। ତାଙ୍କ ପାଖରେ ବସି ମୁଁ ସବୁ ଶୁଣୁଥିଲି। ସମୟକ୍ରମେ ମୋ ପାଠ ପଢା ସହିତ ମହାପ୍ରଭୁଙ୍କ ଭଜନ ଜଣାଣ ଗାଇବା ନିତିଦିନିଆ ଅଭ୍ୟାସ ହୋଇଯାଇଥିଲା। ଗୁରୁ କଳାକାର ପଣ୍ଡା ଏବଂ ଚନ୍ଦନ କୁମାର ଜେନାଙ୍କଠାରୁ ସଙ୍ଗୀତ ଶିକ୍ଷା ନେଲି। ଏମିତିରେ ମହାପ୍ରଭୁଙ୍କ ବିଭିନ୍ନ ଭଜନ ଗାଇବା ପାଇଁ ଯେତେବେଳେ ଆଖପାଖ ଗାଁରେ ଯେଉଁଠି ଭଜନ ସମାରୋହ ହେଉଥିଲା ସେଠାରେ ଭଜନ ଗାଉଥିଲି। ଅନେକ ପ୍ରଶଂସା ମିଳୁଥିଲା। ମଞ୍ଚରେ ଭଜନ ଗାଉଥିବା ବେଳେ ମୋତେ ଲାଗେ ମୋ ପାଖରେ ଭଗବାନ ଉପସ୍ଥିତ ଅଛନ୍ତି। ଏଯାଏ ପ୍ରାୟ ଶତାଧିକ ଭଜନ ଗାଇ ସାରିଲିଣି। ଅନେକ ଷ୍ଟେଜ ଶୋ'ରେ ଯୋଗ ଦେଇସାରିଲିଣି। ମୋର ପ୍ରିୟ ଭଜନ – 'ଯେତେ କାଳ ଜିଇଥିବି ଜଗନ୍ନାଥ ତତେ ଦେଖୁଥିବି', ସେହିପରି– 'ଆଖି ତ ଦେଇନ ଆହେ ଚକା ଆଖି, କେମିତି ଦେଖିବ ତୁମକୁ ମୋ ଆଖି'। ଏହି ଭଜନ ଯେତେଥର ଗାଇଛି ଶ୍ରୋତା ଭାବ ବିହ୍ୱଳ ହୋଇଯାଇଛନ୍ତି। କେବଳ ଗୀତ ଗାଏ ତା ନୁହେଁ, ବରଂ ହାରମୋନିୟମ, କି'ବୋର୍ଡ ଏବଂ ଢୋଲକି ବଜାଇଥାଏ। ଯେ କୌଣସି କଥା ଚିନ୍ତା କରିଥାଏ ତାହା ଆପେ ଆପେ ଘଟିଯାଏ। ଯେମିତିକି ଥରେ ମୋତେ ଗୋଟିଏ ଜାଗାରେ ଭଜନ ଆୟୋଜକ ଭଜନ ସମାରୋହକୁ ଡାକିଥିଲେ । ହେଲେ କୌଣସି କାରଣରୁ ଆୟୋଜକମାନେ ମନାକରି ଦେଇଥିଲେ। । ଏଥିରେ ମୋ ମନ ଦୁଃଖ ଥିଲା ମହାପ୍ରଭୁଙ୍କୁ ସ୍ମରଣକରି ରହିଥାଏ। କିନ୍ତୁ ତା'ପର ଦିନ ସେହି ମଞ୍ଚରେ ମୋତେ ଅତିଥି କରି ନେବା ପାଇଁ ନିମନ୍ତ୍ରଣ କରିଥିଲେ। ସେଠାରେ ଜଗନ୍ନାଥଙ୍କ ଭଜନ ଗାଇଥିଲି।



ପୂର୍ଣ୍ଣଚନ୍ଦ୍ର ଦାସ

**ଭଜନ ନ ଗାଇଲେ ନିଦ ଆସେନା:** ଜନ୍ମରୁ ଦୃଷ୍ଟିବାଧିତ। ଏଥିଯୋଗୁ ତାଙ୍କ ମା'ବାପାଙ୍କ ମନରେ ଚିନ୍ତା ଘାରିଥିଲା। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଅର ମଙ୍ଗଳ ପାଇଁ ସର୍ବଦା ପ୍ରାର୍ଥନା କରୁଥିଲେ। ସମୟକ୍ରମେ ସେଇ ପୁଅ ମହାପ୍ରଭୁଙ୍କ ଭଜନ ଗାଇ ମା'ବାପାଙ୍କ ମନରେ ଅପାର ଆନନ୍ଦ ଆଣିଦେଇଥିଲେ। ସେ ହେଲେ **ସୁଶାନ୍ତ ନାୟକ**। ପିତା– ନୀଳମଣି ନାୟକ, ମାତା– ସରସ୍ୱତୀ ନାୟକ, ଘର ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକର ସୁନାଡ଼ିଆକନ୍ଧାରେ। ସେ କୁହନ୍ତି, 'ସ୍କୁଲରେ ପଢୁଥିବାବେଳେ ମୋର ସଙ୍ଗୀତ ଗୁରୁ ଥିଲେ କଳାକାର ପଣ୍ଡା । ପ୍ରଥମରୁ ୫ମ ଯାଏ କେନ୍ଦ୍ରାପଡ଼ା ଦୃଷ୍ଟିହୀନ ବିଦ୍ୟାଳୟରେ ପାଠ ପଢିଲି। ପରେ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟ ଭୁବନେଶ୍ୱରରେ, ଏହାପରେ ରେଭେନଶାରେ +୨ ଏବଂ ବିଜେବିରେ +୩ ସାରିଲି ଏବଂ ସେଇ କଲେଜରେ ଡ୍ରାମାଟିକ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲି। ହେଲେ ପାଠପଢା ସହିତ ନିଜର ସଙ୍ଗୀତ ସାଧନାକୁ କେବେ ବି ଭୁଲି ନ ଥାଏ। ପ୍ରତିଦିନ ସକାଳେ ସଙ୍ଗୀତ ଅଭ୍ୟାସ କରୁଥାଏ। ଏବେ ମୁଁ ଜାଲପଦା ଉପ୍ରା ପ୍ରାଥମିକ ସ୍କୁଲରେ ଶିକ୍ଷକ ଭାବେ କାଯ୍ୟରତ। କିନ୍ତୁ ସଙ୍ଗୀତ ସାଧନା ମୋର ଜାରି ରହିଛି। ମୋର ଏକ ଭଜନ ଗ୍ରୁପ୍ ମଧ୍ୟ ରହିଛି । ଓଡ଼ିଶାର ବିଭିନ୍ନ ସ୍ଥାନରେ ଭଜନ ସମାରୋହ କାର୍ଯ୍ୟକ୍ରମରେ ମୋ ସହିତ ଆମ ଟିମ୍‌ର କଳାକାରମାନେ ଯୋଗଦେଇଥାନ୍ତି। ୨୦୦୮ ମସିହାରେ ସନ୍ ମ୍ୟୁଜିକରେ ସକାଳଧୂପରେ ଭଜନ ଗାଇଥିଲି। ସେହିପରି 'ଏ ଦୁନିଆ ରଙ୍ଗମଞ୍ଚ, ଶିବଶିବ', 'ଦେଖି ମୁଁ ପାରୁନି ନୟନେ ମୋର ତୁମ ସେ ମୋହନ ରୂପ' ସମେତ ବହୁ ଭଜନ ଜଣାଣ ଗାଇସାରିଲାଣି। ଆକାଶବାଣୀ କଟକ କେନ୍ଦ୍ରରେ ୨୦୧୧ରୁ ଏଯାଏ ଜଣେ ବି–ଗ୍ରେଡ୍ କଳାକାର ଭାବେ ମୋତେ ମାନ୍ୟତା ମିଳିଛି। ଭଜନ ଗାଇବା ସହିତ ହାରମୋନିୟମ ବଜାଇଥାଏ। ଏଯାଏ ପ୍ରାୟ ୫ଶହରୁ ଅଧିକ ଭଜନ ଗାଇସାରିଲିଣି। ସବୁ ସେଇ କାଳିଆର କୃପାରୁ ସମ୍ଭବ ହୋଇପାରିଛି। ଜଗନ୍ନାଥଙ୍କ ଭଜନ ଗାଇଲାବେଳେ ମୋତେ ଲାଗେ ମୁଁ ଭିନ୍ନ ଦୁନିଆରେ ରହିଛି। ଯେଉଁଠି ମୋତେ କେବଳ ଚାରିଆଡ଼େ ଲାଗେ ଶ୍ରୀମନ୍ଦିର, ବଡ଼ଦେଉଳ, ସତେ ଯେମିତି ତା' ପାଖରେ ରହିଛି। ସେ ମୋତେ କିଛି କହୁଥାଏ। ମୋର ଏହି ସଙ୍ଗୀତ ପାଇଁ ବିଭିନ୍ନ ସଂସ୍ଥାରୁ ପୁରସ୍କୃତ ହୋଇପାରିଛି। ତେବେ ପ୍ରତିଦିନ ମହାପ୍ରଭୁଙ୍କ ଭଜନଟିଏ ନ ଗାଇଲେ ମୋତେ ନିଦ ଲାଗେନା। ଏସବୁ ତାଙ୍କରି ଇଚ୍ଛା ବୋଲି ଭାବୁଛି।'

**ଭଜନରେ ତାଙ୍କ ରୂପ ଦେଖୁଥାଏ:** ଏବେ ଯୁକ୍ତ ୩ ପରେ ସେ ନିଯୁକ୍ତି ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ପ୍ରତିଦିନ ସକାଳୁ ସନ୍ଧ୍ୟା ଯାଏ ମହାପ୍ରଭୁଙ୍କ ନାମ ଗାନ କରିଥାନ୍ତି। ଗୀତଗୋବିନ୍ଦ ଗାଇ ଗାଇ ତା' ଭିତରେ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି ବୋଲି କୁହନ୍ତି ସ୍ମୃତିବାଳା ମଲିକ। ସେ କୁହନ୍ତି, '୬ଷ୍ଠ ଶ୍ରେଣୀରୁ ଗୀତଗୋବିନ୍ଦ ଗାନକରି ଆସୁଛି। ଆମ ଘର କନ୍ଧମାଳ ଜିଲାର ନନ୍ଦଗିରି ଗାଁରେ। ମୋ ବାପା ସୁନୀଲ ମଲିକ, ମାତା ବନୀତା ମଲିକ ଆମଙ୍କୁ ଭଲ ମଣିଷ କରିବା ପାଇଁ ସର୍ବଦା ଚିନ୍ତା କରିଥାନ୍ତି। କାରଣ ମୁଁ ଦୃଷ୍ଟିବାଧିତ। ପିଲାଟି ଦିନରୁ ଗୀତ ଭଜନ ଜଣାଣ ଶୁଣି ସେ ସବୁକୁ ଆପେ ଆପେ ଅଭ୍ୟାସ କରି ଗାଉଥିଲି। ମୋ କଣ୍ଠର ଗୀତ ଶୁଣି ସମସ୍ତେ ବହୁତ ପ୍ରଶଂସା କରୁଥିଲେ। ସମୟକ୍ରମେ ସ୍କୁଲ ପଢା ବେଳେ ସାର୍‌ଙ୍କଠାରୁ ଗୀତ ଶୁଣିବାକୁ ଖୁବ୍ ଭଲ ଲାଗୁଥିଲା। ସ୍କୁଲରେ ଶିଶିର କୁମାର ପାଣି ସାର୍‌ଙ୍କଠାରୁ ସଙ୍ଗୀତ ଶିକ୍ଷା ପାଇଥିଲି। ସ୍କୁଲ ଓ କଲେଜରେ ଯେଉଁଠି ଗୀତ ପ୍ରତିଯୋଗିତା ହେଉଥିଲା ସେଠାରେ ଯୋଗ ଦେଇ ଖୁବ୍ ପ୍ରଶଂସା ପାଉଥିଲି। ଏବେ ଗ୍ରାଜୁଏଶନ ସାରିଛି। ଚାକିରି ପାଇଁ ପ୍ରସ୍ତୁତ ହେଉଛି। କିନ୍ତୁ ସଙ୍ଗୀତ ଅଭ୍ୟାସ ସବୁବେଳେ ଜାରି ରଖିଛି। ପ୍ରତିଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନଟିଏ ନ ଗାଇଲେ ମୋତେ ଭଲରେ ନିଦ ହୁଏନା। ଏମିତିରେ ମୋର ପ୍ରିୟ ଗୀତ ଏକ..ରାଧା, ଏକ ମିରା...ଭଜନ ଗାଇବାକୁ ସବୁଠାରୁ ବେଶି ଭଲ ପାଏ। ଓଡ଼ିଶାର ଯେଉଁଠି ସଙ୍ଗୀତ କାର୍ଯ୍ୟକ୍ରମ ପାଇଁ ଡାକରା ଆସେ ସେଠାରେ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ଗାଇଥାଏ। ମୋ ସାଥିରେ ମୋ ପିଉସୀନାନୀ ଅନୁସୟା ମଲିକ ଯାଇଥାନ୍ତି ଏବଂ ବଡ଼ଭାଇ ରାଜକୁମାର ମଧ୍ୟ ଯାଇଥାନ୍ତି। ଥରେ ମୋ ଦେହ ଅସୁସ୍ଥ ଥିବାରୁ




ସୁଶାନ୍ତ ନାୟକ



ଶେଯରୁ ଉଠିପାରୁ ନ ଥିଲି । କିନ୍ତୁ ସେତିକିବେଳେ ଏକ ଭଜନ ସମାରୋହ ପାଇଁ ଡାକରା ଆସିଥିଲା । ସେଦିନ ମହାପ୍ରଭୁଙ୍କୁ ସ୍ମରଣକରି ସେହି ପ୍ରୋଗ୍ରାମକୁ ଗଲି ଏବଂ ମହାପ୍ରଭୁଙ୍କ ଗୁଣ କୀର୍ତ୍ତନ କରି ସଫଳତା ବି ପାଇଲି । ସବୁବେଳେ ଏମିତି କିଛି ଘଟଣା କାହିଁକି ଘଟେ ମୁଁ ଜାଣିପାରେନି । ଯେତେବେଳେ କୌଣସି ସ୍ଥାନକୁ ଭଜନ ଗାଇବା ପାଇଁ ଯାଇଥାଏ ତା' ପୂର୍ବରୁ ମୋର କଣ୍ଠ ବସିଯାଇଥାଏ । ହେଲେ ମହାପ୍ରଭୁଙ୍କ ନାମକୁ ସ୍ମରଣକରି ଯେତେବେଳେ ମଞ୍ଚକୁ ଯାଏ ସବୁ ଆପେଆପେ ଠିକ୍‌ଠାକ ହୋଇଯାଏ । ତାହା ମୋତେ ବଡ଼ ବିଚିତ୍ର ଲାଗିଥାଏ । ଭଜନ ଗାଇଲାବେଳେ ମୋତେ ଲାଗେ ମହାପ୍ରଭୁଙ୍କ ସହିତ କଥା ହେଉଛି । ତାଙ୍କର ଦର୍ଶନ ମୋତେ ମିଳିପାରୁଛି । ଆଖିକୁ ନ ଦିଶିଲେ ମଧ୍ୟ ଭଜନରେ ସେ ସୁନ୍ଦର ରୂପେ ଦିଶୁଥାନ୍ତି । ତାହା ମୋତେ ଅପାର ଆନନ୍ଦ ଦେଇଥାଏ ।

**ଭଜନରେ କାଳିଆ ଦର୍ଶନ ମିଳୁଛି :** ଜନ୍ମରୁ ତାଙ୍କର ଦୃଷ୍ଟିଶକ୍ତି ନାହିଁ କିନ୍ତୁ ଅଦମ୍ୟ ଇଚ୍ଛାଶକ୍ତି ବଳରେ ସେ ଖୁବ୍ ସହଜରେ ଭକ୍ତିର ଦୃଷ୍ଟିରେ ଦର୍ଶନ କରିପାରନ୍ତି ମହାପ୍ରଭୁଙ୍କୁ । ସେ ପିଲାଟି ବେଳୁ ରେଡିଓରୁ ଗୀତ ଶୁଣୁଥିଲେ । ସ୍କୁଲରେ ସଙ୍ଗୀତ ଶିକ୍ଷା ପାଇଲେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନଙ୍କୁ ସର୍ବଦା ଗାନ କଲେ । ଫଳରେ ସଙ୍ଗୀତକୁ ପେସା କରିବେ ବୋଲି ସେ ଭାବୁଥିଲେ, ମାତ୍ର ତାହା ତାଙ୍କର ନିଶା ପାଲଟିଗଲା । ଶିକ୍ଷକତା ତାଙ୍କର ବୃତ୍ତି ହୋଇଗଲା । ସେ ହେଲେ ଜଣେ ଦୃଷ୍ଟିବାଧିତ **ସୁଶାନ୍ତ ପଟେଲ** । ଘର ବଲାଙ୍ଗୀର ଜିଲା ମାଧିଆପାଲି ଗାଁରେ । ସେ କୁହନ୍ତି, 'ପିଲାବେଳେ ରେଡିଓରୁ ଗୀତ ଶୁଣୁଥିଲି । ପରେ ସ୍କୁଲରେ ସଙ୍ଗୀତ ଶିକ୍ଷା ପାଇଲି । କଲେଜରେ ପଢିଲାବେଳେ ଡ. ଚିତ୍ତରଞ୍ଜନ ପାଢୀ ଏବଂ କରୁଣାକର ନାୟକ ସାର୍‌ଙ୍କଠାରୁ ଘରୋଇ ଭାବେ ସଙ୍ଗୀତ ଶିକ୍ଷା ପାଇଲି । ଆମ ପରିବାରରେ ମୋ ବାପା ବିପିନ ବିହାରୀ ପଟେଲ, ମା' ପ୍ରମୋଦିନୀ ପଟେଲ ଏବଂ ଭାଇ, ଭାଉଜ ମୋ ସଙ୍ଗୀତ କଳାକୁ ପ୍ରୋତ୍ସାହନ ଦେଉଥିଲେ । ଘରକୁ ଯେତେବେଳେ କ୍ୟାସେଟ ଆଣୁଥିଲୁ ତାହା କେବଳ ଭଜନ କ୍ୟାସେଟ ଥିଲା । ଯାହା ହେଉ ଶ୍ରୀଜଗନ୍ନାଥଙ୍କ କୃପାରୁ ମୋତେ କେତେକ ସ୍ଥାନରେ ଭଜନ ଗାଇବାର ସୁଯୋଗ ମିଳିଥିଲା । ଦର୍ଶକଙ୍କଠାରୁ ବହୁତ ପ୍ରଶଂସା ପାଇଥିଲି । ବିଶେଷକରି ସୁରେଶ ୱାଡେକରଙ୍କ କଣ୍ଠସ୍ୱରକୁ ପସନ୍ଦକରି ସେହିପରି ଗାଇବାକୁ ଇଚ୍ଛା କରିଥାଏ । ମୋର ପ୍ରିୟ ଭଜନ ଥିଲା – ଯେତେ ଦିନ ରହିଥିବେ ଶ୍ରୀମନ୍ଦିରରେ ଜଗନ୍ନାଥ....ଖୁବ୍ ଲୋକପ୍ରିୟତା ଦେଇଛି । ମୋତେ ପରିଚୟ ଦେଇପାରିଛି । କିନ୍ତୁ ସଙ୍ଗୀତରେ ଯେତେ ସ୍ୱର, ତାଳ, ଲୟ ଥିଲେ ମଧ୍ୟ ଭଜନ ଗାଇଲା ବେଳେ ମହାପ୍ରଭୁଙ୍କ ପାଖେ ନିଜକୁ ସମର୍ପଣ ନ କରି ଗାଇଲେ ଭାବ ସୃଷ୍ଟି ହୁଏ ନାହିଁ । ଭଜନରେ କେବଳ ମହାପ୍ରଭୁଙ୍କୁ ଦର୍ଶନ କରିବାର ବାଟ ଦିଶୁଥାଏ । ଓଡ଼ିଶା କାହିଁକି ରାଜ୍ୟ ବାହାରେ ଏକାଧିକ ସ୍ଥାନରେ ଆୟୋଜିତ ଭଜନ ସମାରୋହରେ ଯୋଗଦେଇ ନିଜକୁ ଧନ୍ୟ ମନେକରିଛି । ଏବେ ଜଣେ ସ୍କୁଲ ଶିକ୍ଷକ ଭାବେ କାର୍ଯ୍ୟ କରୁଛି । କିନ୍ତୁ ଭଜନ ଗାଇବା ଅଭ୍ୟାସ ଜାରି ରହିଛି । ଯେଉଁଥିରେ ମତେ କାଳିଆ ଦର୍ଶନ ମିଳୁଛି ।

**ଯେବେ ଯେବେ ତାଙ୍କ ନାମ ଧରେ ସେବେ ସେବେ ତାଙ୍କୁ ମୁଁ ଦର୍ଶନ କରେ:** 'ଦେଲ ନାହିଁ ଦୁଇ ଆଖି, କଲ ମତେ ମହାଦୁଃଖି'ଙ୍କ ଏହି ଭଜନଟିକୁ ଜଣେ ଦୃଷ୍ଟିବାଧିତ ଯୁବକଙ୍କ କଣ୍ଠରୁ ଯେ କେହି ଶୁଣିଲେ ମନରେ ନିଶ୍ଚୟ ଦରଦଭାବ ସୃଷ୍ଟି ହେବ । ଏମିତି ଗୀତକୁ କଣ୍ଠଦାନ କରିଥିବା ସେଇ ୧୭ବର୍ଷୀୟ ଯୁବକ ହେଲେ **ଉମାକାନ୍ତ ଦାସ** । ସେ ଏବେ ଓଡ଼ିଶାରେ ଜଣେ ପରିଚିତ କଣ୍ଠଶିଳ୍ପୀ । ସେ କୁହନ୍ତି, 'ଜନ୍ମରୁ ମୁଁ ଦୃଷ୍ଟିବାଧିତ । ମୋର ବଡ଼ ଭାଇ ଭୀଷ୍ମ କୁମାର ମଧ୍ୟ ଜଣେ ଦୃଷ୍ଟିବାଧିତ । ମୁଁ ଗୀତ ଗାଏ, ସେ ତବଲା ବଜାଏ । ଆମ ଘରେ ମୋ ବାପା ପ୍ରଶାନ୍ତ ଦାସ, ମା' ମଞ୍ଜୁଲତା ଆମମାନଙ୍କର ବାଦ୍ୟଯନ୍ତ୍ର ନେଇଥାନ୍ତି । ଆମ ଗାଁ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇ ଅନ୍ତର୍ଗତ ପାଇଲୋ ଗାଁରେ । ପିଲାଟି ଦିନରୁ ଘରେ ଗୀତ ଗାଉଥିଲି । ରେଡିଓ ଶୁଣୁଥିଲି । ମୋ ଜେଜେ ନରୋତ୍ତମ ଦାସ ଆମ ଗୀତ ଶୁଣି ବହୁତ ଖୁସି ହେଉଥିଲେ । ଯେଉଁଠୁ ପୁରସ୍କାର ପାଇ ଘରକୁ ଆଣୁଥିଲି ତାଙ୍କ ଖୁସି କହିଲେ ନ ସରେ । ସ୍କୁଲ ବୟସରୁ ସରୋଜ ବାରିକଙ୍କଠାରୁ ବିଧିବଦ୍ଧ ଭାବେ ସଙ୍ଗୀତ ଶିକ୍ଷା କଲି । ସେ ଆସି ଘରେ ସଙ୍ଗୀତ ଶିକ୍ଷା ଦେଉଥିଲେ । ଆଦିକନ୍ଦ ସାହୁ ସାର୍‌ଙ୍କ ପରାମର୍ଶରେ ଚଣ୍ଡିଗଡ଼ ସଙ୍ଗୀତ ମହାବିଦ୍ୟାଳୟରୁ ସଙ୍ଗୀତ ଶିକ୍ଷା ଲାଭ କରିଛି । ଏବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ହିନ୍ଦୁସ୍ଥାନୀ ଭୋକାଲ ଶିଖୁଛି । ବହୁତ ଆଶାଥିଲା ରେଡିଓ ଓ ଟିଭିରେ କିପରି ଭଜନଟିଏ ଗାଇପାରିବି । ସେଥିପାଇଁ ମହାପ୍ରଭୁଙ୍କୁ ସବୁବେଳେ ସ୍ମରଣ କରିଥାଏ । ୨୦୨୦ ମସିହାରେ ମୋତେ ଏକ ସୁଯୋଗ ମିଳିଥିଲା । ମୋର ଜଣେ ଦାଦା ଜୟଶ୍ରୀ ଧଳ ମ୍ୟାଡାମଙ୍କ ସହିତ ଗୀତ ଗାଇବା ପାଇଁ ବ୍ୟବସ୍ଥା କରିଥିଲେ । ସେ ମୋ ପ୍ରତିଭାକୁ ଜାଣି ତାଙ୍କ ଷ୍ଟୁଡିଓରେ କେତୋଟି ଗୀତକୁ ରେକର୍ଡ କରିଥିଲେ, ତାହା ଖୁବ୍ ଲୋକପ୍ରିୟ ହୋଇଥିଲା । ମୋର ପ୍ରଥମ ଗୀତଟି ଥିଲା– 'ଦେଲ ନାହିଁ ଦୁଇ ଆଖି, କଲ ମତେ ମହାଦୁଃଖି' । ଏହା ବହୁତ ନାଁ କରିଥିଲା । ମୋତେ ଏଥିପାଇଁ ସବୁଆଡୁ ଖୁବ୍ ପ୍ରଶଂସା ମିଳିଥିଲା ।

ଯେବେ କୌଣସି ସ୍ଥାନରେ ଭଜନ ଗାଏ, ଯେତେବେଳେ ମହାପ୍ରଭୁ ଜଗନ୍ନାଥଙ୍କ ନାମ ଧରେ ସେତେବେଳେ ତାଙ୍କୁ ହିଁ ଦର୍ଶନ କରିଥାଏ । ପ୍ରଭୁ ସବୁବେଳେ ମୋ କଥା ଶୁଣନ୍ତି । ବାହୁଡ଼ା ଯାତ୍ରାକୁ ଯିବାର ଇଚ୍ଛା ଥାଏ । କିନ୍ତୁ ଏମିତି ପରିସ୍ଥିତି ହୋଇଥିଲା ମାତ୍ର ଥରେ କ'ଣ, ବାରମ୍ବାର ଭଜନ ରେକର୍ଡ ପାଇଁ ପୁରୀକୁ ଯାଇଥିଲି । ଓଡ଼ିଶାର ଅନେକ ସ୍ଥାନରେ ଆୟୋଜିତ ହେଉଥିବା ଭଜନ ସମାରୋହରେ ଯୋଗ ଦେଇ ଭଜନ ଗାଇଲାବେଳେ ମୋତେ ଲାଗେ ଠାକୁର ମୋ ସମ୍ମୁଖରେ ବସନ୍ତି । ସବୁ ଶୁଣନ୍ତି । କଳାଚାନ୍ଦ ଭଜନ ବି ମୋର ଆଉ ଏକ ପରିଚୟ । ଓଡ଼ିଶାର ବିଭିନ୍ନ ସ୍ଥାନକୁ ଭଜନ ପରିବେଷଣ ପାଇଁ ଯାଇଛି । ସାଥୀରେ ମୋ ବାପା ମଧ୍ୟ ଯାଇଥାନ୍ତି । ଏବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ, ଜଣାଣ ଗାଇବାରେ ମୋତେ ଯେଉଁ ଆନ୍ଦନ ମିଳୁଛି ତାହା ଅବର୍ଣ୍ଣନୀୟ ।

–ବନବିହାରୀ ବେହେରା



ସୁଶାନ୍ତ ପଟେଲ



ସ୍ମୃତିବାଳା ମଲ୍ଲିକ




ଉମାକାନ୍ତ ଦାସ





# କାଶୀ କ୍ଷେତ୍ରରେ ଶ୍ରୀଜଗନ୍ନାଥ

କିମ୍ବଦନ୍ତୀ ଅନୁସାରେ କାଶୀକ୍ଷେତ୍ର ପ୍ରତିଷ୍ଠା କରିଥିଲେ ମହାଦେବ। ସେଥିପାଇଁ ଏହାକୁ ମହାଦେବଙ୍କ କ୍ଷେତ୍ର ବୋଲି କୁହାଯାଏ। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଅନ୍ୟତମ ବାବା ବିଶ୍ୱନାଥ ଏହି କ୍ଷେତ୍ରରେ ଅବସ୍ଥାନ କରନ୍ତି। ପୁଣି ଶକ୍ତିର ପ୍ରତିଭୂ ମା' ଅନ୍ନପୂର୍ଣ୍ଣା ସାକ୍ଷାତ୍ ପୂଜିତା ହୁଅନ୍ତି ଏଠାରେ। ଶୈବ ଓ ଶାକ୍ତ ପରମ୍ପରାର ଶାସ୍ତ୍ରୀୟ ନିଦର୍ଶନ କାଶୀ କ୍ଷେତ୍ରରେ ପରିଲକ୍ଷିତ ହୁଏ। ଏହି କ୍ଷେତ୍ରରେ କେବଳ ଶ୍ରୀବିଶ୍ୱନାଥ ନୁହନ୍ତି, ଏଠାରେ ବ୍ରହ୍ମାଣ୍ଡ ନାଥ ତଥା ନୀଳାଦ୍ରିନାଥ ଶ୍ରୀଜଗନ୍ନାଥ ମଧ୍ୟ ପୂଜିତ ହୁଅନ୍ତି। ଶ୍ରୀମନ୍ଦିର ରତ୍ନସିଂହାସନରେ ଅଛନ୍ତି ସପ୍ତ ବିଗ୍ରହ। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା, ଶ୍ରୀସୁଦର୍ଶନ, ଶ୍ରୀଦେବୀ, ଭୂଦେବୀ ଓ ମାଧବ। କିନ୍ତୁ ଚତୁର୍ଦ୍ଧା ବିଗ୍ରହ (ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା, ଶ୍ରୀସୁଦର୍ଶନ) ସାମିଲ ହୁଅନ୍ତି ଶ୍ରୀଗୁଣ୍ଡିଚା ଯାତ୍ରା ତଥା ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ।

ଶାସ୍ତ୍ରୀୟ ତତ୍ତ୍ୱଗତ ଭାବରେ ଶ୍ରୀବଳଭଦ୍ର ସାକ୍ଷାତ୍ ମହାଦେବ, ସେ ଅନନ୍ତବାସୁଦେବ। ଶେଷନାଗ ଭାବରେ ତାଙ୍କର ଉପାସନା କରାଯାଏ। ମା' ସୁଭଦ୍ରା ହେଲେ ମହାଶକ୍ତିମୟୀ ବିଶ୍ୱଜନନୀ ତଥା ଶ୍ରୀଭୁବନେଶ୍ୱରୀ। ସେ ଶାକ୍ତ ମତରେ ପୂଜିତା। ଶ୍ରୀଜଗନ୍ନାଥ ହେଲେ ବିଶ୍ୱର ନାଥ ତଥା ଅନନ୍ତନାରାୟଣ। ବୈଷ୍ଣବ ଉପଚାରରେ ପୂଜିତ ସେ। ଶ୍ରୀସୁଦର୍ଶନ ତାଙ୍କ ଆୟୁଧ। ସ୍ତମ୍ଭାକାରରେ ସେ ରତ୍ନସିଂହାସନରେ ହିଁ ଶ୍ରୀଜଗନ୍ନାଥଙ୍କ ସହିତ ପୂଜିତ ହୁଅନ୍ତି। ଶ୍ରୀକ୍ଷେତ୍ର ଭଳି କାଶୀ କ୍ଷେତ୍ରରେ ମଧ୍ୟ ଶୈବ-ଶାକ୍ତ-ବୈଷ୍ଣବ ଉପାସନା ପରିଲକ୍ଷିତ ହୁଏ।

**ଦଶାଶ୍ୱମେଧ ଘାଟ:** କାଶୀ କ୍ଷେତ୍ରର ପ୍ରସିଦ୍ଧ ଦଶାଶ୍ୱମେଧ ଘାଟ ନିକଟରେ ରହିଛି ଗୋଟିଏ ଛୋଟିଆ ମନ୍ଦିର। ସେହି ମନ୍ଦିରରେ ପୂଜିତା ହୁଅନ୍ତି ମା' ଗଙ୍ଗା ଓ ମା' କାଳୀ। ଏହି ମନ୍ଦିର ସହିତ ରହିଛି ଗୋଟିଏ ପ୍ରାଚୀନ ଘର, ଯାହାର ଦ୍ୱିତୀୟ କୋଠରିରେ ବିରାଜମାନ ତ୍ରିବିଗ୍ରହ ତଥା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା। ଏହି ତ୍ରିବିଗ୍ରହ ମୂର୍ତ୍ତି ବହୁ ପ୍ରାଚୀନ। ଏହି ତ୍ରିବିଗ୍ରହ ହେଲେ ଦାରୁ ବିଗ୍ରହ। କେବଳ ରଥଯାତ୍ରା ସମୟରେ ଏହି ତ୍ରିବିଗ୍ରହ ପୂଜିତ ହୁଅନ୍ତି। କାଠଦ୍ୱାରା ନିର୍ମିତ ଏକ ରଥରେ ତ୍ରିବିଗ୍ରହ ରଥଯାତ୍ରା କରନ୍ତି। ପାଖରେ ଏକ ଛକ ପର୍ଯ୍ୟନ୍ତ ରଥ ଯାଇଥାଏ। ଲୋକକଥା ଅନୁଯାୟୀ, ତିନି ଦିନ ପରେ ପ୍ରତ୍ୟାବର୍ତ୍ତନ କରେ ରଥ। ଶ୍ରୀକ୍ଷେତ୍ର ପରି ଅନ୍ୟାନ୍ୟ ନୀତି ନିୟମ ଏଠାରେ ପାଳନ ହୁଏ ନାହିଁ।

**ଅନ୍ନପୂର୍ଣ୍ଣା ମନ୍ଦିର:** ଶ୍ରୀବିଶ୍ୱନାଥ ମନ୍ଦିର ପାଖରେ ରହିଛି ଅନ୍ନପୂର୍ଣ୍ଣା ମନ୍ଦିର। ମା' ଅନ୍ନପୂର୍ଣ୍ଣା ଏହି କ୍ଷେତ୍ରର ଅଧିଷ୍ଠାତ୍ରୀ। ଏହି ମନ୍ଦିରରେ ତ୍ରିବିଗ୍ରହ ତଥା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା ବି ଅବସ୍ଥାନ କରନ୍ତି। କିନ୍ତୁ ବ୍ୟତିକ୍ରମ ହେଲା କାଶୀ କ୍ଷେତ୍ରରେ କେବଳ ଏହି ସ୍ଥାନରେ ହିଁ ରହିଛି ଧାତୁରେ ନିର୍ମିତ ତ୍ରିବିଗ୍ରହ। ତିନୋଟି ଗୋଲାକାର ଚକ୍ର ଉପରେ ସେମାନେ ଅବସ୍ଥାନ କରୁଛନ୍ତି। ପ୍ରତ୍ୟହ ପୂଜିତ ହୁଅନ୍ତି। ତେବେ ଏଠାରେ କୌଣସି ରଥଯାତ୍ରା ହୁଏ ନାହିଁ କି ଏହି ମନ୍ଦିରରୁ ତ୍ରିବିଗ୍ରହ ବାହାରକୁ ଯାଆନ୍ତି ନାହିଁ।

**ଅସି ଘାଟର ଶ୍ରୀଜଗନ୍ନାଥ ମନ୍ଦିର:** ଅସି ଘାଟ ପାଖରେ ହିଁ ରହିଛି କାଶୀର ସବୁଠାରୁ ବଡ଼ ଶ୍ରୀଜଗନ୍ନାଥ ମନ୍ଦିର। ଏହି ମନ୍ଦିର ପୁରୀ ଶ୍ରୀମନ୍ଦିରର ପ୍ରତିରୂପ ହେଲେ ମଧ୍ୟ ଏହାର ନିର୍ମାଣ ଶୈଳୀ କାଶୀ ବିଶ୍ୱନାଥ ମନ୍ଦିର ସଦୃଶ। କାଶୀ କ୍ଷେତ୍ରର ଇତିହାସ ଅନୁଯାୟୀ ୧୮୦୨ରେ ଭୋଁସ୍‌ଲେ ରାଜ୍ୟର ଦୁଇ ନାଗରିକ ବିଶ୍ୱମ୍ଭର ରାମ ଏବଂ ବେଣୀ ରାମ ଏହି ମନ୍ଦିରକୁ ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ ୧୮୦୬ରେ ପ୍ରଥମ ଥର ପାଇଁ ଶ୍ରୀକ୍ଷେତ୍ର ଭଳି ରଥଯାତ୍ରାର ଆୟୋଜନ କରିଥିଲେ। ସେଦିନଠାରୁ ଆଜି ପର୍ଯ୍ୟନ୍ତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଏଠାରେ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୁଏ। ଏହି ମନ୍ଦିରରୁ ଯେଉଁ ସ୍ଥାନକୁ ରଥ ଯାଉଛି, ଲୋକମୁଖରେ ସେହି ସ୍ଥାନର ନାମ ବର୍ତ୍ତମାନ ହୋଇଛି 'ରଥଯାତ୍ରା' ଛକ। ସାତଦିନ ପରେ ରଥ ଅସି ଘାଟର ଶ୍ରୀଜଗନ୍ନାଥ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରେ। ଏଠାରେ ତ୍ରିବିଗ୍ରହ ଦର୍ଶନ କଲେ ଶ୍ରୀକ୍ଷେତ୍ର ଦର୍ଶନର ପୁଣ୍ୟଫଳ ଲାଭ ହୁଏ ବୋଲି ଲୋକବିଶ୍ୱାସ ରହିଛି।

ଏହି ମନ୍ଦିରରେ ସମ୍ପୂର୍ଣ୍ଣ ଭାବରେ ନ ହେଲେ ମଧ୍ୟ ଯେତିକି ସମ୍ଭବ ଶ୍ରୀମନ୍ଦିରର ନୀତିନିୟମ ଅନୁସରଣ କରିବାକୁ ଚେଷ୍ଟା କରାଯାଏ। ପାର୍ଶ୍ୱ ଦେବଦେବୀମାନଙ୍କ ଭିତରେ ଅନ୍ୟତମ ହେଲେ ଶ୍ରୀନୃସିଂହ। ଏଥିସହିତ ରହିଛନ୍ତି ଲକ୍ଷ୍ମୀ-ନାରାୟଣ, ଶ୍ରୀସାକ୍ଷୀଗୋପାଳ, କାଳୀୟଦଳନ, ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ। ତ୍ରିବିଗ୍ରହଙ୍କ ସମ୍ମୁଖରେ ବାହାରେ ଅବସ୍ଥାନ କରୁଛନ୍ତି ଶ୍ରୀଗରୁଡ଼ଦେବ। କିନ୍ତୁ ବ୍ୟତିକ୍ରମ ହେଲା ଯେ ତ୍ରିବିଗ୍ରହଙ୍କ ସମ୍ମୁଖରେ ସରଳରେଖାରେ ଭିତରକୁ ଅବସ୍ଥାନ କରୁଛନ୍ତି ବୃଷଭ। ଶ୍ରୀଜଗନ୍ନାଥଙ୍କ ବାହନ ଗରୁଡ଼ କିନ୍ତୁ ବୃଷଭର ଅବସ୍ଥାନ ଏଠାରେ ଶୈବ ପରମ୍ପରାକୁ ସୂଚିତ କରିଥାଏ ବୋଲି ଅନୁମାନ କରାଯାଏ। ଏହି କ୍ଷେତ୍ର ଯଦି କାଶୀ କ୍ଷେତ୍ର ହୋଇ ନ ଥା'ନ୍ତା, ତା'ହେଲେ ହୁଏତ ବୃଷଭ ରହି ନ ଥାନ୍ତା। ଆରପଟେ ଦେଖିବାକୁ ଗଲେ ଶ୍ରୀବଳଭଦ୍ର ହେଲେ ଶିବଶକ୍ତି, ତାଙ୍କ ଅବସ୍ଥାନକୁ ଦୃଢ଼ କରିବା ପାଇଁ ହୁଏତ ଗରୁଡ଼ ସହିତ ବୃଷଭ ଏଠାରେ ଅବସ୍ଥାନ କରୁଛନ୍ତି ବୋଲି ମନେହୁଏ।

ଶ୍ରୀଜଗନ୍ନାଥ ପରମ୍ପରା କେବଳ ଶାସ୍ତ୍ରୀୟ ଅଥବା ଧର୍ମୀୟ ପରମ୍ପରା ନୁହେଁ, ଏହି ପରମ୍ପରା ମାନବିକ ମୂଲ୍ୟବୋଧର ପରମ୍ପରା। ଶ୍ରୀଜଗନ୍ନାଥ ଚେତନା ସଂପ୍ରୀତିର ବାର୍ତ୍ତା ଦିଏ। ଭେଦଭାବ ବିହୀନ ବିଶ୍ୱସମାଜ ଗଠନର ଅନୁଭବ ସୃଷ୍ଟି କରେ। ତେଣୁ ବର୍ଷକୁ ଥରେ ରଥଯାତ୍ରାରେ ବିଶ୍ୱ-ନାଥର କ୍ଷେତ୍ରରେ ଜଗତର ନାଥ ସାମିଲ ହୁଅନ୍ତି। ଜଗତର କର୍ତ୍ତା ଜଗତ(ସଂସାର)କୁ ଦର୍ଶନ କରନ୍ତି ଏବଂ ଦର୍ଶନ ଦିଅନ୍ତି। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସକଳ ପ୍ରାଣୀକୁଳର ବ୍ରହ୍ମାଣ୍ଡ ନାଥଙ୍କୁ ଦର୍ଶନ କରିବାର ଅଧିକାର ଅଛି। ତାଙ୍କ ଚିନ୍ତା-ଚେତନା, ଭାବ-ତତ୍ତ୍ୱକୁ ମନନରେ ହୃଦୟରେ ଯାପନ ଓ ଧାରଣ କରିବାର ଅଧିକାର ଅଛି। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଆମ ଭାରତୀୟ ସଂସ୍କୃତି, ଯାହା ସମଗ୍ର ବିଶବ୍ୟାପୀ ବିଦ୍ୟମାନ।

-ଶ୍ରେୟା ହାଲଦାର
ପିଏଚ୍‌ଡି ଗବେଷକ, କାଶୀ ହିନ୍ଦୁ ବିଶ୍ୱ ବିଦ୍ୟାଳୟ, ଉତ୍ତରପ୍ରଦେଶ





# ମନଲୋଭା ରଙ୍ଗିନ ଅଣ୍ଡା



ଉଡ୍‌ଡକ୍



ପଫିନ୍



ବ୍ଲାକ ଆଣ୍ଡ ରେଡ ବ୍ରଡବିଲ୍



ସ୍ୟାଡଲ ବିଲ୍ଡ ଷ୍ଟୋର୍କ

**ପ୍ରକୃତିର ଏକ ସୁନ୍ଦର ସୃଷ୍ଟି ହେଉଛି ଚଢେଇ, ଯାହାର ରଙ୍ଗ ରୂପ ସମସ୍ତଙ୍କର ମନ ମୋହିଥାଏ । ଏଇ ଯେମିତି କିଛି ଚଢେଇଙ୍କର ଥାଏ ସୁନ୍ଦର ରଙ୍ଗିନ ଅଣ୍ଡା, ଯାହାକି ଦୃଷ୍ଟି ଆକର୍ଷଣ କରେ ସମସ୍ତଙ୍କର । ସେମିତି କେତୋଟି ଚଢେଇଙ୍କ ସମ୍ପର୍କରେ...**

**ଟୁକାନ୍:** ଟୁକାନ୍ ପକ୍ଷୀର ଅଣ୍ଡାଟି ତା' ଶରୀରର ପ୍ରାୟ ଏକ ତୃତୀୟାଂଶ । ତା'ସାଙ୍ଗକୁ ହଳଦିଆ, କମଳା, ସବୁଜ, ଲାଲ, କଳା ପରି ଭିନ୍ନ ଭିନ୍ନ ରଙ୍ଗର ଛିଟା ଦେଖିବାକୁ ମିଳେ ଏହି ଅଣ୍ଡାରେ । ଲାଗେ ସତେ ଯେମିତି ଅଣ୍ଡାରେ କିଏ ରଙ୍ଗିନ ରଙ୍ଗୋଳି କରିଛି । ଖାସ୍‌କରି ଆଫ୍ରିକା ଓ ଏସିଆରେ ଦେଖିବାକୁ ମିଳୁଥିବା ଏହି ପକ୍ଷୀ ରାମ୍ଫାଷ୍ଟିଡେ ଫ୍ୟାମିଲିର ଅଟେ । ଏହାର ୪୦ଟି ଭିନ୍ନ ଭିନ୍ନ ପ୍ରଜାତି ଅଛି । ଟୁକାନ୍‌ସ୍, ଟୁକାନେଟ୍‌ସ ଓ ଆରାକାରିସ୍ ନାମରେ ବି ପରିଚିତ ଏହି ପକ୍ଷୀଟି ଅନ୍ୟ ପକ୍ଷୀଦ୍ୱାରା କରାଯାଇଥିବା ଗଛ କୋରଡରେ ନିଜ ବସା କରିଥାଏ ।

**ବ୍ଲାକ ଆଣ୍ଡ ରେଡ ବ୍ରଡବିଲ୍:** କଳା ଓ ଖଇରିଆ ରଙ୍ଗର ଏହି କୁନି ଚଢେଇଟି ବ୍ରଡବିଲ ଫ୍ୟାମିଲିର ଅଟେ । ଉପର ଭାଗ ବା ପିଠିପଟ କଳାରଙ୍ଗର ହୋଇଥିବାବେଳେ ପେଟ ଓ ନେକ ବ୍ୟାଣ୍ଡ ଖଇରିଆ ରଙ୍ଗର ହୋଇଥାଏ । କଳାରଙ୍ଗର ଡେଣାରେ କିଛିଟା ଧଳାରଙ୍ଗର ଛିଟା ଦେଖିବାକୁ ମିଳେ । ଏହି ଛୋଟିଆ ପକ୍ଷୀର ଅଣ୍ଡାଟି କିନ୍ତୁ ଖୁବ୍ ସୁନ୍ଦର । କମଳା, ହଳଦିଆ ଓ ସବୁଜ ରଙ୍ଗର ଛିଟା ଦେଖିବାକୁ ମିଳେ ଏହାର ଅଣ୍ଡାରେ । ଖାସ୍‌କରି ବ୍ରୁନେଇ, କମ୍ବୋଡିଆ, ଇଣ୍ଡୋନେସିଆ, ଲାଓସ୍, ମାଲେସିୟା, ମିଆଁମାର୍, ସିଙ୍ଗାପୁର, ଥାଇଲାଣ୍ଡ ଓ ଭିଏତନାମରେ ବ୍ଲାକ ଆଣ୍ଡ ରେଡ ବ୍ରଡବିଲ ଚଢେଇ ଦେଖିବାକୁ ମିଳନ୍ତି ।

**ପଫିନ୍:** ଏହା ଏକ ସାମୁଦ୍ରିକ ଚଢେଇ । ଏହାର ଉପରଭାଗ କଳା ଓ ତଳ ଭାଗ ତଥା ପେଟ ଭାଗ ଧଳାରଙ୍ଗର ହୋଇଥାଏ । କଳାଧଳା ରଙ୍ଗର ଏହି ଚଢେଇର ଅଣ୍ଡାଟି କିନ୍ତୁ ବେଶ୍ ରଙ୍ଗିନ । ଲାଗେ ସତେ ଯେମିତି ତା'ର ଏହି ବଡ଼ ତିନିକୋଣିଆ ଅଣ୍ଡାକୁ କେହି ଜଣେ ଲାଲ, କମଳା, ହଳଦିଆ ରଙ୍ଗର ଔଜ୍ଜଲ୍ୟମାନ ରଙ୍ଗରେ ସ୍ତର ସ୍ତର କରି ତୂଳୀରେ ଆଙ୍କିଛି । ଏହାର ଆଉ ଏକ ପ୍ରଜାତି ଆଟଲାଣ୍ଟିକ ପଫିନ୍‌ର ଅଣ୍ଡା ବ୍ରିଡିଂ ସିଜନ୍‌ରେ କୋରାଲ, ନୀଳ ଧୂସର ଓ ହଳଦିଆ ରଙ୍ଗର ହୋଇଥାଏ ।

**ସ୍ୟାଡଲ ବିଲ୍ଡ ଷ୍ଟୋର୍କ:** ଦେଖିବାକୁ ବଗ ଭଳି ଏହି ଚଢେଇ ଆଫ୍ରିକା, ସୁଦାନ, ଇଥିଓପିଆ, କେନିଆ, ଜାମ୍ବିଆ, ସେନେଗାଲ ଆଦି ସ୍ଥାନରେ ଦେଖିବାକୁ ମିଳନ୍ତି । ବଗ ପରି ହୋଇଥିଲେ ହେଁ ଏହାର ରଙ୍ଗ ସମ୍ପୂର୍ଣ୍ଣ ଧଳା ନୁହେଁ ବରଂ କଳା ଓ ଧଳାରଙ୍ଗର । ବେକଭାଗ ତ ପୁରା କଳା । ହେଲେ ଅଣ୍ଡାଟି ଅଧା ଲାଲ ଓ ଅଧା କଳା ରଙ୍ଗର ହୋଇଥାଏ, ଯାହାକି ବେଶ୍ ଆକର୍ଷକ ଲାଗେ ।

**ଉଡ୍ ଡକ୍:** ଉଡ୍ ଡକ୍ ବା କାରୋଲିନା ଡକ୍ ଉତ୍ତର ଆମେରିକାରେ ଦେଖିବାକୁ ମିଳନ୍ତି । ପୁରୁଷ ଉଡ ଡକ୍ ବହୁତ ରଙ୍ଗିନ ହୋଇଥାନ୍ତି । ତା'ସହ ଅଣ୍ଡା ବି ବହୁତ ରଙ୍ଗିନ ହୋଇଥାଏ । ଏହି ଚଢେଇର ଅଣ୍ଡା ଖାସ୍‌କରି ହଳଦିଆ, ଧଳା, କଳା ଓ କମଳା ରଙ୍ଗର ହୋଇଥାଏ ।

**କିଲ ବିଲ୍ଡ ଟୁକାନ:** ଏହି ସୁନ୍ଦର ଚଢେଇଟି ରେନ୍‌ବୋ ବିଲ୍ଡ ଟୁକାନ, ସଲଫର୍ ବ୍ରେଷ୍ଟେଡ ଟୁକାନ ଭାବେ ମଧ୍ୟ ପରିଚିତ । ଏହା ଲାଟିନ୍ ଆମେରିକାର ଏକ ରଙ୍ଗିନ ପକ୍ଷୀ, ଯାହାକି ଟୁକାନ ଫ୍ୟାମିଲିରେ ଅନ୍ତର୍ଭୁକ୍ତ । କଳା ଓ ହଳଦିଆ ରଙ୍ଗର ଏହି ଚଢେଇର ଛାତି ଓ ବେକ ହଳଦିଆ । ଆଉ ଅଣ୍ଡା ତା' ଶରୀରର ତିନିଭାଗରୁ ଏକ ଭାଗ ଏବଂ ଦେଖିବାକୁ ଭାରି ସୁନ୍ଦର ଓ ରଙ୍ଗିନ । ବାଇଗଣୀ, କମଳା, ହଳଦିଆ, ସବୁଜ ଓ ନୀଳରଙ୍ଗର ମିଶ୍ରଣରେ ଅଣ୍ଡାଟି ଲାଗେ ବେଶ୍ ଆକର୍ଷକ ।



ଟୁକାନ୍

# ମେଘ ଓହଳ

–ରଶ୍ମିରଞ୍ଜନ ରାଉତ

ଶ୍ରାବଣର ବତାସରେ ଆଜି କାହିଁ
ସ୍ୱପ୍ନମାନେ ଓଦା ସରସର,
କଳାହାଣ୍ଡିଆ ଆକାଶ ଲେଖୁଛି
ଝିପିଝିପି ମେଘର ମେଖଳା ଚିଠି
ମୋହିବାକୁ ମାଟି ମନାନ୍ତର।
ଏଇ ଶ୍ରାବଣରେ ପୃଥିବୀଟା ଏତେ ସୁନ୍ଦର
ଏତେ ସ୍ନିଗ୍ଧ, ଏତେ ରୂପବତୀ
ଚୂନାଚୂନା ଲାଲ ବିନ୍ଦି କପାଳେ ପିନ୍ଧିଛି,
ଚନ୍ଦ୍ରମାର ଚୁଡ଼ି ମୁଠେ ନାଇ
ଧୂସର ଧରଣୀ ଦେହରେ
ଶାଗୁଆ ଶାଢ଼ିଟେ ଢାଙ୍କିଛି।
ଏଇତ ! କାଲି ରାତିସାରା
ଏତେ ଉତ୍ପାତ, ଏତେ ବିପ୍ଳାତ
ସକାଳୁ ସୁଶୀଳ ସୁଧାର
ବିଲ୍‌କୁଲ୍ ପ୍ରକୃତିର ପାଟରାଣୀ ବେଶ !
କଳା ବାଳ ଗାଢ଼କଳା ଆଖି ତାର ଖୋଜି
ସ୍ୱପ୍ନରେ ଶୀତଳତା ସ୍ପର୍ଶ ବାଜି
ମୁଁ ଯାଇଛି ଭିଜିଭିଜି ମଜିମଜି
ଅଶାନ୍ତ ସମୁଦ୍ରର ଢେଉ ପାରିହୋଇ
ମେଘ ଯାଏ ଯେତେଯେତେ ଦୂର
ମାତ୍ର, ମୁଁ କେଉଁଠି ଛୁଇଁପାରୁଛି
ଏଇ ନିଉଛୁଣା ମେଘଟା
ବାରମ୍ବାର ବାଟ ଓଗାଳି
ବିଜୁଳିରେ ଟାଣୁଅଛି କଜ୍ଜ୍ୱଳର ଗାର।
ଆଜି କାଇଁ ଶାନ୍ତହୋଇ ଶୋଇପଡ଼େ ସିଏ
ଅଝଟ ଆଖିରେ ତା' ଗାଢ଼ ନିଦ ବେଳ ଥାଉଥାଉ
ଆଗରୁ ତ କେବେ ତା' ଆଖିରେ ଦେଖିନି ମୁଁ
ଏତେ ନିଦ ମୁହଁ ଅନ୍ଧାରରୁ।

– ୨୪ ପ୍ରହରୀ ମଣ୍ଡପ, ନାୟକାଣୀଡିହି, ଭଦ୍ରକ
ମୋ: ୭୮୦୯୦୩୭୬୦୮

# ବାସ୍ନା

–ମୀନାକ୍ଷୀ ପଣ୍ଡା

## ଏକ

'ଶୁଣୁଛ, ମୁଁ ଖାଲି ଫଳମୂଳ ଖାଇ ବି କେତେଦିନ ରହିଯାଇପାରେ।' ରାକ୍ଷୀଙ୍କର ଏ କଥା ଶୁଣି ବଜାରକୁ ଯାଉଥିବା ବିନୋଦବାବୁ କହିଲେ, 'ଗତ ଜନ୍ମରେ ପକ୍ଷୀ ଥିଲ ତ, ଅଭ୍ୟାସଟା ରହିଯାଇଛି। ସିଧା ତ କହିବ ଫଳ ଆଣିବ ବୋଲି।'

ଫଳ ବ୍ୟାଗକୁ ଦେଖି ମୁହଁ ଶୁଖିଗଲା ରାକ୍ଷୀଙ୍କର। ଗୋଟିଏ ବଡ଼ ପିତ୍ତଳ ଥାଳିରେ ଫଳସବୁ ଏକାଠି ରଖି, ବିନୋଦଙ୍କୁ ଦେଖାଇ କହିଲେ, 'ଦେଖିଲ ଥାଳିଟା ଭର୍ତ୍ତି ବି ହେଲାନି। ଠାକୁରଙ୍କର ପେଟ କ'ଣ ପୂରିବ ?'

'ଠାକୁରଙ୍କ ଆଡ଼େ କାହିଁକି ଯାଉଛ ? ଠାକୁର କ'ଣ ଫଳ ଖାଉଛନ୍ତି ?' ପେପର ପଢୁ ପଢୁ କହିଲେ ବିନୋଦ।

ଫଳ ଥାଳିଟି ରଖିଦେଇ ପାଖରେ ବସିପଡ଼ି ବଡ଼ ଆଗ୍ରହରେ କହିଲେ ରାକ୍ଷୀ, 'ସେଇକଥା ତ ମୁଁ କହୁଥିଲି। ଠାକୁର ଫଳ ଖାଇବେନି, ବାସ୍ନା ଆଘ୍ରାଣ କରିବେ। ଏତେ କମ୍ ଫଳର କେତିକି ବାସ୍ନା ବାହାରିବ ଯେ ! ପେଟ ଅପୂରା ରହିଯିବନି ?'

ହାତରେ ପେପର ଥାଇ ବି ବିନୋଦ ରାକ୍ଷୀଙ୍କୁ ଦେଖୁଥିଲେ।

**********

## ଦୁଇ

ଏଇବର୍ଷ ସ୍କୁଲରେ ନାଁ ଲେଖେଇଥିବା କୁନି ନାତୁଣୀ ସିମି ଦୌଡ଼ି ଦୌଡ଼ି ରାଧାମୋହନଙ୍କ ରୁମ୍‌କୁ ଆସି ଖଟ ଉପରେ ବହିଗୁଡ଼ିକ ରଖିଦେଲା।

ଆଗରୁ ଏମିତି ଟିକେ ଟିକେ ଅସୁବିଧା ଲାଗୁଥିବା ରାଧାମୋହନଙ୍କ ଆଖିରେ ଚାରିଦିନ ତଳେ ଯନ୍ତ୍ରଣା ଆରମ୍ଭ ହେଲା। ଡାକ୍ତର କହିଲେ, ଗୋଟିଏ ଆଖି ନଷ୍ଟ ହୋଇଯାଇଛି। ଅନ୍ୟ ଆଖିଟି ଅପରେଶନ କରି ଦୁଇଦିନ ତଳେ ଡାକ୍ତରଖାନାରୁ ଆସିଛନ୍ତି ସେ।

ସିମିର ମନେପଡ଼ିଗଲା ଏକଥା। ବହିଗୁଡ଼ିକୁ ଜେଜେଙ୍କ ପାଖକୁ ଆଣି ତା' କୁନି କୁନି ହାତରେ ଖୁସିରେ ଛୁଆଇଁଦେଲା।

କୋଳକୁ ନେଇଆସିଲେ ବହିଗୁଡ଼ିକୁ ରାଧାମୋହନ। ଆହ୍ଲାଦରେ ଆଉଁଶି ଦେଲେ ବହିଗୁଡ଼ିକୁ। ମନରେ ତାଙ୍କର ଅସରନ୍ତି ଭାବନା। ଗୋଟିଏ ଆଖି ତ ଗଲା, ଅପରେଶନ ହୋଇଥିବା ଆଖିଟି ଭଲ ହେବ କି ନାହିଁ ଜଣାନାହିଁ। ଭଲ ହେଲେବି ସେ ଆଉ ଥରେ ପଢ଼ା ପଢ଼ି କରିପାରିବେ କି ନାହିଁ ସନ୍ଦେହ।

ପରମ ଆଗ୍ରହରେ ସେ ଆଘ୍ରାଣ କରିଯାଉଥିଲେ ତାଙ୍କର ଅତି ପରିଚିତ, ଜୀବନର ଶ୍ରେଷ୍ଠ ଦୁର୍ବଳତା 'ବହି'ର ବାସ୍ନାକୁ।

– ସିଡିଏ, କଟକ
ମୋ:୯୪୩୭୨୯୬୭୭୬

# ଅଦୃଶ୍ୟ ଦେବତା

ମୂଳ ହିନ୍ଦୀ: ସୁମନ
ଅନୁସୃଜନ: ହରି ଚରଣ ଖଟୁଆ

ତୁମେ ରୋଟି ଦେଖିଛ,
ଦେଖିନ ଗହମ ।
କପଡ଼ା ଦେଖିଛ,
ଦେଖିନ କପା ।
ଚା ଦେଖିଛ ,
ଦେଖିନ ବଗିଚା ॥

ତୁମେ
ପ୍ରାସାଦ ଦେଖିଛ,
ସହର ଦେଖିଛ,
ଦେଖିନ
ସେଇ
ଅଦୃଶ୍ୟ ଦେବତାକୁ,
ସ୍ୱେଦ ବଦଳରେ
ଯିଏ
ଗଢ଼ିଛି ସହର ॥

ଥକିଯାଇନି,
ରହିଯାଇନି,
ମଜୁରି କରି
ପରିବାରର ବୋଝ
ମୁଣ୍ଡେଇ ଚାଲିଛି
ଯିଏ
ଆଜୀବନ ॥

–ବରପାଲି
ମୋ : ୭୯୭୮୧୯୮୦୧୧






କାଜୋଲ

# ରାଜି ହେଲେ କାଜୋଲ

ଏବେ କାଜୋଲଙ୍କୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। କାରଣ ଖୁବ୍ ଶୀଘ୍ର ସେ ପୁଣି ଥରେ ସିଲଭର ସ୍କ୍ରିନ୍‌ରେ ଦେଖାଦେବେ। ତେବେ ଏ ନେଇ ଅନେକ ବିଚାର ବିମର୍ଷ କରିବା ପରେ ହିଁ ସେ ରାଜି ହୋଇଛନ୍ତି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଫିଲ୍ମରେ ସେ ଟାଇଟଲ ରୋଲ୍‌ରେ ଅଭିନୟ କରିବେ। ହେଲେ ଖାସ୍ କଥା କ'ଣ ଜାଣନ୍ତି ? ଏହାର ପ୍ରଯୋଜନା କରୁଛନ୍ତି ତାଙ୍କର ସ୍ୱାମୀ ଅଜୟ ଦେବଗନ। କଥା କ'ଣ କି ଏହି ଭୂମିକାରେ କିଏ ଅଭିନୟ କଲେ ଭଲ ହେବ ସେ ନେଇ ଅଜୟ ଚିନ୍ତାରେ ପଡିଥିଲେ। ଶେଷରେ ଏଭଳି ରୋଲ୍ ପାଇଁ ତାଙ୍କର ଧର୍ମପତ୍ନୀ କାଜୋଲ ହିଁ ଫିଟ୍ ବୋଲି ଭାବିବା ପରେ ଆରମ୍ଭ ହୋଇଥିଲା କାଉଣ୍ଟ ଡାଉନ୍। ଯାହାହେଉ ଶେଷରେ ଅଜୟଙ୍କ କଥା ରକ୍ଷା କରି କାଜୋଲ ଏହି ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। ଏହାର ଟାଇଟଲ ରହିଛି 'ମା'। ଏକ ପୌରାଣିକ ତଥା ରହସ୍ୟ ରୋମାଞ୍ଚଭରା କାହାଣୀକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଉଛି। ଏଥିରେ ଆର. ମାଧବନ ଏକ କେମିଓ ଭୂମିକାରେ ଅଭିନୟ କରିବେ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ବିଶାଲ ଫୁରିଆ।

# ଭାଙ୍ଗି ନ ଥିଲେ ସନ୍ନି

ସନ୍ନି ଦେଓଲଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ବେତାବ'। ୧୯୮୩ ମସିହାରେ ଚିତ୍ରଟି ପରଦା ଉପରକୁ ଆସିଥିଲା। ଏହାକୁ ପ୍ରଯୋଜନା କରିଥିଲେ ବିକ୍ରମ ସିଂ ଦହଲ ଏବଂ ନିର୍ଦ୍ଦେଶନା ଦେଇଥିଲେ ରାହୁଲ ରୱେଲ। ଏହି ଫିଲ୍ମରେ ନବାଗତ ସନ୍ନିଙ୍କ ନାୟିକା ସାଜିଥିଲେ ଅମୃତା ସିଂ। ଜାଭେଦ ଅଖତର ଏହାର କାହାଣୀ, ଚିତ୍ରାନାଟ୍ୟ ଏବଂ ସଂଳାପ ରଚନା କରିଥିଲେ। ନିଜର ପ୍ରଥମ ସିନେମାକୁ ନେଇ ସନ୍ନି ଆଶା ଆଶଙ୍କାରେ ରହିଥିଲେ। ଏକ ଟିନ୍ ଏଜ୍ ପ୍ରେମ କାହାଣୀକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଥିଲା। ସେ କେବେ ବିଶ୍ୱାସ କରି ନ ଥିଲେ ଯେ ତାଙ୍କର ପ୍ରଥମ ଫିଲ୍ମ ଏତେ ଦର୍ଶକାଦୃତ ହେବ ବୋଲି। ଏ ସମ୍ପର୍କରେ ସନ୍ନି କହନ୍ତି, ''ଜାଭେଦ ଅଖତରଙ୍କର କାହାଣୀକୁ ନିର୍ଦ୍ଦେଶକ ଏଭଳି ଚଳଚ୍ଚିତ୍ରର ରୂପ ଦେଇଥିଲେ ଯେ, ଫିଲ୍ମଟି ହିଟ୍ ହୋଇଥିଲା। ସେତେବେଳେ ମୁଁ ନୂଆ। ଜାଣି ନ ଥିଲି ଚଳଚ୍ଚିତ୍ରଟିକୁ ଦର୍ଶକ କେତେ ଗ୍ରହଣ କରିବେ। ହେଲେ ରିଲିଜ ପରେ ଆଶାଠୁ ଅଧିକ ସଫଳତା ମିଳିଲା।'' ପ୍ରଥମ ସିନେମା ସନ୍ନିଙ୍କୁ ନାୟକ ଦୌଡରେ ସାମିଲ କରିଦେଇଥିଲା। ତା'ପରେ ସେ କେବେ ପଛକୁ ଫେରି ଚାହିଁ ନ ଥିଲେ। ଇତିମଧ୍ୟରେ ସେ ବଲିଉଡ୍‌ର ଜଣେ ଅନ୍ୟତମ ଲୋକପ୍ରିୟ ଅଭିନେତା। ନିଜର ରୋଲ୍ ମଡେଲ ଭାବରେ ସେ ତାଙ୍କର ପିତା ତଥା ବଲିଉଡ୍‌ର ଅନ୍ୟତମ ବିଶିଷ୍ଟ ଅଭିନେତା ଧର୍ମେନ୍ଦ୍ରଙ୍କୁ ମାନିଥାଆନ୍ତି। ଏବେ ତାଙ୍କ ହାତରେ ଥିବା ସିନେମା ଦୁଇଟି ହେଲା 'ଲାହୋର ୧୯୪୭' ଏବଂ 'ବର୍ଡର ୨'।



# ଖୁସି ଅଛନ୍ତି ବିଦ୍ୟା

ବିଦ୍ୟା ବାଲାନ ଏବେ ଭାରି ଖୁସି। କାରଣ ଚଳିତ ବର୍ଷ ତାଙ୍କର ବଲିଉଡ୍‌ରେ ଦୁଇ ଦଶନ୍ଧି ଅର୍ଥାତ୍ ୨୦ ବର୍ଷ ପୂରଣ ହୋଇଛି। ୨୦୦୫ରେ ସେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। 'ପରିଣୀତା' ଫିଲ୍ମରେ ତାଙ୍କୁ ବ୍ରେକ୍ ମିଳିଥିଲା। ଆଉ ପ୍ରଥମ ସିନେମାରୁ ହିଁ ସେ ଦର୍ଶକଙ୍କର ମନ ଜିଣିବାରେ ସଫଳ ହୋଇଥିଲେ। ବଲିଉଡ୍‌ରେ ନିଜ ୨୦ ବର୍ଷର ଅଭିନୟ କ୍ୟାରିୟର ବିଷୟରେ ବିଦ୍ୟା କହନ୍ତି, '' ଚାହୁଁ ଚାହୁଁ କେତେବେଳେ ୨୦ ବର୍ଷ ହୋଇଗଲା ଜାଣି ହେଲା ନାହିଁ। ଅଭିନୟର ଏହି ଲମ୍ବା ଯାତ୍ରାରେ ମୋର ଅନେକ ସ୍ମୃତି ରହିଛି। ମୁଁ ମୋ ଆକ୍ଟିଂ କ୍ୟାରିୟରକୁ ନେଇ ବେଶ୍ ଖୁସି ଅଛି। ଅଭିନୟ ଏଭଳି ଏକ ଜିନିଷ ଯେଉଁଥିରେ ଉତ୍‌ଥାନ ପତନ ରହିଛି। ତାକୁ ସାମ୍‌ନା କରି ଆଗେଇବାକୁ ପଡିଥାଏ। ମୁଁ ଆଜି ଯଦି ବଲିଉଡ୍‌ରେ ତିଷ୍ଠି ରହିଛି ତାହା କେବଳ ଦର୍ଶକଙ୍କ ପାଇଁ। ସେମାନେ ଯଦି ମୋ ଅଭିନୟକୁ ଗ୍ରହଣ କରି ନ ଥାନ୍ତେ ତେବେ ମୋ କ୍ୟାରିୟର କେବେଠାରୁ ଶେଷ ହୋଇସାରନ୍ତାଣି।'' ବିଦ୍ୟାଙ୍କ ଅଭିନୀତ ଶେଷ ଫିଲ୍ମ 'ଭୁଲ ଭୁଲୈୟା ୩' ୨୦୨୪ରେ ରିଲିଜ ହୋଇଥିଲା।

# ସୂର୍ଯ୍ୟମୟୀ ହେବେ ଗୁଲନାଜ୍

କଥାରେ ଅଛି–ଏ ମନ ଭାବୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି ଓଲିଉଡ୍‌ର ଆଗଧାଡିର ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ରଙ୍କୁ କେମିତି ତାଙ୍କ ମନ ମୁତାବକ ଭୂମିକା ମିଳିଯାଇଛି। ବିନି ସାମଲଙ୍କ ନିର୍ଦ୍ଦେଶିତ 'ଶ୍ରୀଜଗନ୍ନାଥଙ୍କ ନବକଳେବର'ରେ ସେ ଏକ ଖୁବ୍ ସୁନ୍ଦର ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଚରିତ୍ରଟି ହେଉଛି ଜଣେ ମୁସଲମାନ ଝିଅର। ସୂର୍ଯ୍ୟମୟୀ କହନ୍ତି, ''ଏହି ଫିଲ୍ମରେ ମୋତେ ମିଳିଥିବା ଭୂମିକାଟି ହେଉଛି 'ଗୁଲନାଜ'ର, ଯେକି ଜଣେ ମୁସଲମାନ ଝିଅ। ହେଲେ ସେ ଜଗନ୍ନାଥଙ୍କର ଜଣେ ବଡ଼ ଭକ୍ତ। କିନ୍ତୁ ସମୟକ୍ରମେ ସେ କଳାପାହାଡ ପ୍ରେମରେ ପଡିଯାଏ। ତେବେ ଏହି ପ୍ରେମ କାହାଣୀ ଶେଷରେ ସଫଳ ହେଉଛି କି ନାହିଁ ତାହା ସିନେମାଟି ଦେଖିଲେ ଜାଣିପାରିବେ। ଏହି ଭୂମିକା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ ବୋଲି ଆଶା ରଖିଛି। ଏହି ଷ୍ଟାର–ଷ୍ଟଡେଡ ତଥା ବିଗ୍ ବଜେଟ ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ଜ୍ୟୋତି, ଶିବାନୀ, ଶ୍ରୀତମ ଦାସ, ଅଂଶୁମାନ, ପିଙ୍କି ପ୍ରଧାନ, କୁନା ତ୍ରିପାଠୀ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ଶଙ୍କର , ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ, ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ବାହୁଡା ଅବସରରେ ରିଲିଜ ହେବାର ଯୋଜନା ରହିଛି।



ସୂର୍ଯ୍ୟମୟୀ



କ୍ରିତି

# କ୍ରିତିଙ୍କ ନୀରବତା

କ୍ରିତି ସାନନ୍ ଏବେ ଗୋଟିଏ କଥାକୁ ନେଇ ଚୁପ୍ ରହୁଛନ୍ତି। ଯଦି କେହି ଅଧିକ ଜାଣିବାକୁ ଚାହୁଁଛି ତେବେ ହସିଦେଇ 'ଅପେକ୍ଷା କରନ୍ତୁ' ବୋଲି କହି ଚାଲି ଯାଉଛନ୍ତି। କଥା କ'ଣ କି ଏବେ ଫରହାନ୍ ଅଖତର 'ଡନ୍ ୩' ନିର୍ମାଣ କରିବାକୁ ଯାଉଛନ୍ତି। ଆଉ ଏଥିରେ କୁଆଡେ କ୍ରିତି ଲେଡି ଡନ୍ ସାଜୁଛନ୍ତି। ପୁଣି ନିକଟରେ ତାଙ୍କୁ ଫରହାନ୍‌ଙ୍କ ଅଫିସରୁ ବାହାରୁ ଥିବାର ତାଙ୍କର କେତେ ଜଣ ପ୍ରଶଂସକ ଦେଖିବାକୁ ପାଇଥିଲେ। ଆଉ ଅଟୋଗ୍ରାଫ ନେବା ସମୟରେ ସେମାନେ ଏହି ବିଷୟରେ ଜାଣିବାକୁ ଚାହିଁଥିଲେ। ହେଲେ ପ୍ରଶଂସକଙ୍କ ପ୍ରଶ୍ନର କୌଣସି ଉତ୍ତର ନ ଦେଇ ସେ କେବଳ ହସି ଦେଇଥିଲେ ଆଉ କହିଥିଲେ, 'ଆପଣମାନେ ଆବଶ୍ୟକତା ଠାରୁ ଅଧିକ ଭାବୁଛନ୍ତି।' କିନ୍ତୁ କେତେକ ସୂତ୍ରରୁ ଜଣାପଡିଛି ଯେ ଫରହାନ୍ ଏହି ଫିଲ୍ମର ମୁଖ୍ୟ ଭୂମିକା ପାଇଁ କ୍ରିତିଙ୍କୁ ପ୍ରାୟତଃ ଫାଇନାଲ କରିସାରିଛନ୍ତି। କେବଳ ଅଫିସିଆଲ ଘୋଷଣା ବାକି ଅଛି। ଏସବୁ ଚର୍ଚ୍ଚା ବିଷୟରେ କ୍ରିତି କହନ୍ତି, '' ମୁଁ ଏବେ ଏନେଇ କୌଣସି ମନ୍ତବ୍ୟ ଦେବାକୁ ଚାହୁଁନାହିଁ। କାରଣ ମୁଁ ନିଜେ ସେ ନେଇ ସିୟୋର ନୁହେଁ। '' ତେବେ ଏହି ଫିଲ୍ମରେ କ୍ରିତି ଅଭିନୟ କରୁଛନ୍ତି କି ନାହିଁ ତାହା ଅଳ୍ପ ଦିନ ମଧ୍ୟରେ ଜଣାପଡିଯିବ।

# ସେଇ ସଂଘର୍ଷର ଦିନ

ଦିଶା ପଟାନି ଏବେ ତାଙ୍କର ଆକ୍ଟିଂ କ୍ୟାରିୟରର ଆରମ୍ଭ ଦିନଗୁଡିକୁ ମନେ ପକାଉଛନ୍ତି। ସେ ସମୟରେ ତାଙ୍କୁ କିପରି ସଂଘର୍ଷ କରିବାକୁ ପଡିଥିଲା ସେ ବିଷୟରେ ନିକଟରେ ସେ ସୂଚନା ଦେଇ ଭାବପ୍ରବଣ ହୋଇପଡିଥିଲେ। ବଲିଉଡ୍‌ରେ ଆକ୍ଟିଂ କରିବେ ଏବଂ ଭବିଷ୍ୟତରେ ଜଣେ ନାମୀ ନାୟିକା ସାଜିବେ–ଏକଥା ମନରେ ରଖି ସେ ମୁମ୍ବାଇ ଆସିଥିଲେ। କିନ୍ତୁ ପ୍ରାରମ୍ଭିକ ଅବସ୍ଥାରେ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ଏପରିକି କେତୋଟି ଅଫର ପାଇ ମଧ୍ୟ ଶେଷ ମୁହୂର୍ତ୍ତରେ ସେଗୁଡିକ ହାତଛଡା ହୋଇଯାଇଥିଲା। ଏ ନେଇ ଦିଶା କହନ୍ତି, 'ମୋତେ ଥରେ ଏକ ହିନ୍ଦୀ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା। ତାକୁ ନେଇ ମୁଁ ଅନେକ ସ୍ୱପ୍ନ ଦେଖିଥିଲି। ହେଲେ ସବୁ ଆଶା ମୋର ପାଣି ଫୋଟକା ପରି ମିଳେଇ ଯାଇଥିଲା ଯେତେବେଳେ ତାହା ହାତରୁ ଖସିଗଲା। କିନ୍ତୁ ପରେ ତେଲୁଗୁ ଫିଲ୍ମ 'ଲୋଫର'ରେ ମତେ ସୁଯୋଗ ମିଳିଲା। ଆଉ ମୋ ଭାଗ୍ୟ ବଦଳିଗଲା। ଫିଲ୍ମଟି ହିଟ୍ ହେବା ସହ ନାୟିକା ହେବାର ମୋ ଆଶା ଆହୁରି ଦୃଢ଼ୀଭୂତ ହୋଇଯାଇଥିଲା।'' ଅଭିନୟ ବ୍ୟତୀତ ସେ ମଡେଲିଂ ସହ ମଧ୍ୟ ଜଡିତ। ୨୦୧୩ରେ ସେ ପଣ୍ଡସ୍ ଫେମିନା ମିସ୍ ଇଣ୍ଡିଆରେ ରନର୍ସ ଅପ୍ ହୋଇଥିଲେ।



ଦିଶା



ବିଦ୍ୟା

# ମନରେ ବାନ୍ଧିଲେ ସନ୍ଦେହ ବସା, ପ୍ରେମରେ ଆସେନା ଅସଲ ନିଶା

**ପ୍ରଶ୍ନ**–ଜଣେ ସୁନ୍ଦରୀ ମନରେ ମୁଁ ଘର କରି ସାରିଛି। ସେ ମଧ୍ୟ ମୋତେ ଭଲ ପାଉଛି। ହେଲେ ତା' ପ୍ରେମକୁ ନେଇ ମୋ ମନରେ ସନ୍ଦେହର ବାଦଲ ଘୁରି ବୁଲିଲାଣି। କ'ଣ କରିବି ଜାଣି ପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ?

*–ସୁଜିତ ନାୟକ, ଜଟଣୀ, ଖୋର୍ଦ୍ଧା*

**ଉତ୍ତର:**ମନରେ ପ୍ରେମକୁ ନେଇ ଯଦି ସନ୍ଦେହର କୁହେଳିକା ସୃଷ୍ଟି ହେଲା ତେବେ ତାହା ଏଭଳି ବଳୟ ସୃଷ୍ଟି କରିଦିଏ, ଯେଉଁଥିରୁ ମୁକୁଳିବା ସହଜ ହୋଇ ନ ଥାଏ। 'ମନରେ ବାନ୍ଧିଲେ ସନ୍ଦେହ ବସା, ପ୍ରେମରେ ଆସେନା ଅସଲ ନିଶା'। ଯେଉଁ ପ୍ରେମ ଉପରେ ଆପଣଙ୍କର ଶତ ପ୍ରତିଶତ ଭରଷା ଥିଲା ଏବେ ତାକୁ ନେଇ କାହିଁକି ସନ୍ଦେହ ସୃଷ୍ଟି ହେଉଛି ? ଏଭଳି ପରିସ୍ଥିତିରେ ଯଦି ଆପଣ ସେହି ପ୍ରେମକୁ ନେଇ ଆଗକୁ ଆଗାନ୍ତି ତେବେ ଆପଣ ଯେ ସେଥିରେ ସଫଳ ହେବେ ତାହା ଭାବିବା ବୃଥା। ତେଣୁ ମନରୁ ପ୍ରଥମେ ସନ୍ଦେହର ବାଦଲ ଦୂର କରନ୍ତୁ। ଯଦି ଦୁହିଁଙ୍କର ମନ ମିଶିଛି ଆଉ ସବୁ କିଛି ଠିକ୍ ଠାକ୍ ଅଛି ତେବେ ତା' ଭିତରେ ଅଯଥା ସନ୍ଦେହର କେଁ ପୁରାଇ ଟେନସନ ନେବା ଆଦୌ ଠିକ୍ ନୁହେଁ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସହ ନଖରାମି କରୁଛି। ତାକୁ ପ୍ରେମ କରିବା ଠିକ୍ ହେବ କି ?

*–ଅସୀତ କୁମାର ସାହୁ, ବ୍ରହ୍ମପୁର*

**ଉତ୍ତର:**ପ୍ରେମ ଆଉ ନଖରାମି–ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ। ଯଦି ସେହି ନଖରାମିରେ ପ୍ରେମର ମହକ ଅନୁଭବ କରିପାରୁଛନ୍ତି ତେବେ ସେଭଳି ସୁଯୋଗକୁ ହାତଛଡା କରିବା ବୁଦ୍ଧିମତାର ପରିଚାୟକ ନୁହେଁ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ସେ ଦୁଇ ବର୍ଷ ହେବ ବାହା ହୋଇଗଲାଣି। ନିକଟରେ ତା'ସହ ଦେଖାହେଲା। ଆଉ ସେବେଠାରୁ ମୁଁ ପୁଣି ତା' ପ୍ରେମରେ ପଡିଯାଇଛି। କ'ଣ କରିବି ?

*–କିଶୋର କୁମାର, ବିରିଡି, ଜଗତସିଂହପୁର*

**ଉତ୍ତର:**ଯାହାକୁ ପ୍ରେମ କରୁଥିଲେ ସେ ଦୁଇ ବର୍ଷ ହେଲାଣି ଘର ସଂସାର କରିସାରିଲାଣି। ତେଣୁ ସେହି ପ୍ରେମ ଅଧ୍ୟାୟ ସମ୍ପୂର୍ଣ୍ଣ ଶେଷ ହୋଇଯାଇଛି। ଯଦି ସେହି ବିବାହିତା ପୁରୁଣା ପ୍ରେମିକା ସହ ଦେଖାହେଲା, ତେବେ ମନରେ ପୁରୁଣା ପ୍ରେମର ସ୍ମୃତି ଉଜାଗର ହେବା ନୂଆ କଥା ନୁହେଁ। ହେଲେ ଆପଣ ତାକୁ ଆଧାର କରି ପୁଣି ଥରେ ତାଙ୍କ ସହ ନୂଆ ପ୍ରେମ ଇନିଂସ ଆରମ୍ଭ କରିବାକୁ ସ୍ଥିର କରିସାରିଲେଣି। ଦେଖନ୍ତୁ, ଏପରି କରିବା ଦ୍ୱାରା କେବଳ ଆପଣଙ୍କର କ୍ଷତି ହେବ ନାହିଁ, ବରଂ ଏହାର ପ୍ରଭାବ ଆପଣଙ୍କ ପୁରୁଣା ତଥା ବିବାହିତା ପ୍ରେମିକାଙ୍କ ବୈବାହିକ ଜୀବନ ଉପରେ ମଧ୍ୟ ପଡିବାର ଆଶଙ୍କା ରହିଛି। ତେଣୁ ବେଳ ଥାଉ ଥାଉ ସୁଧୁରି ଯିବା ଭଲ ହେବ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*–ଉପେନ୍ଦ୍ର ବହିଦାର, ରେଢ଼ାଖୋଲ*

**ଉତ୍ତର:**ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବାର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ**–ଜଣେ ଝିଅ ଟିକେ ହସିଲେ ଟିକେ ରୁଷୁଛି। ତାକୁ କେମିତି ପ୍ରେମ ଜାଲରେ ଫସାଇବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ସୁମନ ରାଉତ, ଢେଙ୍କାନାଳ*

**ଉତ୍ତର:** ସେହି ସୁନ୍ଦରୀର ଲାଜୁଆ ହସ ଆଉ ରୁଷାରେ ପ୍ରେମର ଅସଲ ମଞ୍ଜି ଲୁଚି ରହିଛି। ବାସ୍, ମଗଜ ଖଟାଇ ତାହାର ମାନସିକତା ଭଲ ଭାବରେ ଷ୍ଟଡି କରନ୍ତୁ। ପାଣିପାଗ ଯେତେବେଳେ ଲଭ୍–ଫ୍ରେଣ୍ଡଲି ରହିଛି ସେତିକି ବେଳେ ଏମିତି ପ୍ରପୋଜ କରନ୍ତୁ ଯେ, ଯେମିତି ସେ ଆଉ ଆପଣଙ୍କ ପ୍ରେମ ଫାଶରୁ ମୁକୁଳି ପାରିବ ନାହିଁ। ହେଲେ ପ୍ରପୋଜ ସମୟରେ କିନ୍ତୁ, କାହିଁକି ଭଳି ପ୍ରଶ୍ନ ମନରେ ଆଣନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କ ମନ ଯେତିକି ଆଗକୁ ଯିବ ସେତିକି ପଛକୁ ଯିବ। ତେଣୁ ଦେଖି ଚାହିଁ ଖେଳ ଆରମ୍ଭ କରନ୍ତୁ।



ସାଥୀ

## ପ୍ରଥମ ରୋଜଗାର

# ବୋଉ ହାତରେ ଦେଇଥିଲି ପ୍ରଥମ ରୋଜଗାର



**କବି ସୁରଞ୍ଜନ ପାତ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ବାଲେଶ୍ୱର ଜିଲା ସୋର ବ୍ଲକ ଅନ୍ତର୍ଗତ ଶିଙ୍ଗାଖୁଣ୍ଟା ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମରେ ମୋର ଜନ୍ମ। ମୋ ଗାଁ ଦେବଗିରି ପାହାଡ଼ ପାଦଦେଶରେ ଅବସ୍ଥିତ। ସହରର ବିଳାସମୟ ଜୀବନଠାରୁ ମୋ ଶୈଶବ ବହୁତ ଦୂରରେ କଟିଛି। ପିଲାଦିନେ ବୋଉଠାରୁ ଅନେକ ପୋଥିପୁରାଣ ଶୁଣିଶୁଣି କେତେବେଳେ ସାହିତ୍ୟ ପ୍ରତି ଆଗ୍ରହ ଆସିଗଲା ଜାଣିପାରିଲି ନାହିଁ। ମହାବିଦ୍ୟାଳୟ ଛୁଇଁବା ପୂର୍ବରୁ ବାପାଙ୍କ ଦେହାନ୍ତ ଘଟିଥିଲା। ଅନେକ ଦୁଃଖକୁ ଅଙ୍ଗୀକାର କରି ବୋଉର ପ୍ରେରଣାରେ ଆଗକୁ ବଢ଼ିବାର ସ୍ୱପ୍ନ ନିଜ ଭିତରେ ବାରମ୍ବାର ଉଙ୍କି ମାରୁଥାଏ। ଛୋଟଛୋଟ କବିତା, ନାଟକ, କାହାଣୀ ଲେଖି ବୋଉକୁ ଶୁଣାଉଥାଏ। ବୋଉ ପିଠିରେ ହାତ ଥାପୁଡେଇ ଆହୁରି ଲେଖିବାକୁ ପ୍ରେରଣା ଦେଉଥାଏ। ଆଜିକୁ ଠିକ୍ ୨୮ ବର୍ଷ ପୂର୍ବେ ନିଜ ଗାଁରେ 'ନୀହାରକନ୍ୟା ସାହିତ୍ୟ ସଂସଦ' ସ୍ଥାପନ କରି ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ମାତୃଭାଷାର ସେବା କରିବା ସହ ନୀହାରକନ୍ୟା ପତ୍ରିକା ସମ୍ପାଦନା କରିଆସୁଛି। ସବୁଠାରୁ ଖୁସିର ଦିନ ସେହିଦିନ ଥିଲା, ଯେଉଁଦିନ ଆକାଶବାଣୀ କଟକ କେନ୍ଦ୍ରରୁ ନିଜର ଶବ୍ଦ ବିନିମୟରେ କିଛି ଅର୍ଥ ପାରିଶ୍ରମିକ ଭାବେ ପାଇଥିଲି। ଆକାଶବାଣୀର ପଲ୍ଲୀବାଣୀ କାର୍ଯ୍ୟକ୍ରମରେ ଗାଁର ଉନ୍ନତିରେ ଗ୍ରାମ୍ୟ ପାଠାଗାର ଉପରେ ନିଜର ସୌଜନ୍ୟମୂଳକ ସାକ୍ଷାତକାର ଦେଇ ସେତେବେଳେ ୫୨୦ ଟଙ୍କା ପାଇଥିଲି। ଗାଁର କଲେଜ ପଢୁଆ ପିଲାଟିଏ ଏତେ କମ୍ ବୟସରେ କଟକରେ ପହଞ୍ଚି ପୁଣି ଆକାଶବାଣୀରେ ପାଦଥାପି କିଛି ପାରିଶ୍ରମିକ ପାଇବା ମୋ ପରିବାର ଓ ମୋ ପାଇଁ ସବୁଠାରୁ ଖୁସିର ଦିନ ଥିଲା। କାର୍ଯ୍ୟକ୍ରମ ସାରି ଘରେ ପହଞ୍ଚି ବୋଉକୁ ସେଇ ପାରିଶ୍ରମିକ ଅର୍ଥ ଦେବା ବେଳେ ଭାବବିହ୍ୱଳ ହୋଇ କହିଥିଲି, 'ନେ ବୋଉ ତୋ ପୁଅ ଆଜି କିଛି ଶବ୍ଦ ଆଳାପରୁ ଏ ଅର୍ଥ ଆଣିଛି।' ଏକଥା ଶୁଣି ବୋଉର ଖୁସି କହିଲେ ନ ସରେ। ଆମ ଘରେ ସେଦିନ ଗୋଟିଏ ନୂଆ ବାତାବରଣ ଖେଳି ଯାଇଥିଲା। ସେ ସମୟରେ କଟକ ଆକାଶବାଣୀରେ ପାଦଦେବା ବହୁତ ବଡ଼ କଥା ଥିଲା। ଯେଉଁଦିନ ସାକ୍ଷାତ୍‌କାରଟି ବ୍ରୋଡକାଷ୍ଟ ହେଲା, ବୋଉ ପାଖ ପଡ଼ୋଶୀଙ୍କୁ ଡାକି ରେଡିଓ ପାଖରେ ଏକଜୁଟ କରିଥିଲା ମୋ ସାକ୍ଷାତ୍‌କାରର ପ୍ରସାରଣ ଶୁଣିବା ପାଇଁ। ପରବର୍ତ୍ତୀ ସମୟରେ ଅନେକ ରୋଜଗାର କରିଛି କିନ୍ତୁ ସେଦିନର ଖୁସିକୁ ମୁଁ କେବେ ଭୁଲିପାରିବି ନାହିଁ।

ଘରଛାଡ଼ି ଆଜି ମୁଁ ବାହାରେ ଚାକିରି କରୁଛି। ୟା'ଭିତରେ ମୋର ଏକ କବିତା ସଂକଳନ 'ପ୍ରୀତିଲଗ୍ନା' ବି ପ୍ରକାଶ ପାଇସାରିଛି। ହେଲେ ପାଖରେ ନା ବୋଉ ଅଛି ନା ସେଦିନର ସେହି ପୁଲକ ଅଛି । ବୋଉ କେବେଠୁ ଆକାଶରେ ତାରା ହୋଇ ସାରିଛି। କିନ୍ତୁ ଆଜି ବି ତା'ର ସେହି ହସ ହସ ମୁହଁ ମୋ ଆଖି ଆଗରେ ସେମିତି ନାଚି ଯାଉଛି।

# ଦୁପଟ୍ଟା ଫ୍ୟାଶନ

ଦୁପଟ୍ଟା ବା ଚୁନିକୁ ବିଶେଷକରି ସାଲୱାର୍ କି ଲେହେଙ୍ଗା ଉପରେ ପକାଯାଏ। ଏହା ପୋଷାକକୁ ଆହୁରି ସୁନ୍ଦର କରିଦେବା ସହ ଝିଅମାନଙ୍କୁ ସୋବର୍ ଆଉ ଗର୍ଜିୟସ୍ ଲୁକ୍ ଦେଇଥାଏ। ତେଣୁ ପ୍ରତ୍ୟେକ ଝିଅଙ୍କୁ ନିଜ ୱାର୍ଡରୋବ୍‌ରେ କିଛିଟା ସ୍ୱତନ୍ତ୍ର ଦୁପଟ୍ଟା ରଖିବା ନିହାତି ଜରୁରୀ; ଯାହାକୁ ଯେ କୌଣସି ପୋଷାକରେ ପକାଇ ସେମାନେ ଡିଫରେଣ୍ଟ ଲୁକ୍ ପାଇପାରିବେ। ସେମିତି କିଛି ଟ୍ରେଣ୍ଡି ଦୁପଟ୍ଟା ସମ୍ପର୍କରେ...




**ବନାରସୀ ସିଲ୍କ ଦୁପଟ୍ଟା:** ଜରି ଓ ବ୍ରୋକେଡ୍ କାମ ହୋଇଥିବା ଏହି ଦୁପଟ୍ଟା ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ, ଦେହରେ ପକାଇଲେ ବି ସେମିତି ରୟାଲ୍ ଲୁକ୍ ମିଳେ। ସୁଟ୍ ଯେତେ ସିମ୍ପଲ ହୋଇଥିଲେ ବି ଏହି ଗୋଟିଏ ଦୁପଟ୍ଟା ହିଁ ପୁରା ଲୁକ୍‌କୁ ହାଇଲାଇଟ୍ କରିଦିଏ। ପୂଜାପାର୍ବଣ, ବାହାଘର ତଥା ଯେ କୌଣସି ପାରମ୍ପରିକ ଉତ୍ସବରେ ସାଲୱାର୍ ସୁଟ୍ ସାଙ୍ଗେ ଏହି ଦୁପଟ୍ଟାକୁ ଟ୍ରାଏ କରି ପରଫେକ୍ଟ ଲୁକ୍ ପାଇପାରିବେ।

**ଚିକନ୍‌କାରୀ କଟନ୍ ଦୁପଟ୍ଟା:** ହାଲ୍‌କା ଫାବ୍ରିକ୍‌ର ଏହି ଦୁପଟ୍ଟାକୁ ମୁଖ୍ୟତଃ କଟନ୍ ଓ ଲିନେନ୍ କୁର୍ତ୍ତା ଉପରେ ପକାଇଲେ ସୋବର୍ ଲୁକ୍ ମିଳେ। ସବୁ ସମୟରେ ଏହାକୁ ଟ୍ରାଏ କରି ହେଉଥିଲେ ବି ଖରାଦିନେ ଏହାର ଟିକେ ଅଧିକ ଚାହିଦା ରହିଥାଏ।

**ଫୁଲ୍‌କରି ଦୁପଟ୍ଟା:** ଆକର୍ଷଣୀୟ ସୂତାକାମ ଓ ଭାଇବ୍ରାଣ୍ଟ କଲର୍ ପାଇଁ ପଞ୍ଜାବର ଏହି ଦୁପଟ୍ଟା ଖୁବ୍ ଲୋକପ୍ରିୟ। ଯେ କୌଣସି ପ୍ଲେନ୍ କୁର୍ତ୍ତା ଉପରେ ଏହି ଦୁପଟ୍ଟା ପକାଇଲେ ଇନ୍‌ଷ୍ଟାଣ୍ଟ ଫେଷ୍ଟିଭ୍ ଲୁକ୍ ମିଳେ। ଡେ ଇଭେଣ୍ଟ ହେଉ କି କାଜୁଆଲ୍ ଗାଦେରିଂରେ ଏହାକୁ ଟ୍ରାଏ କରିବା ବେଷ୍ଟ ହୋଇଥାଏ।

**ଅର୍ଗାଞ୍ଜା ଦୁପଟ୍ଟା:** ଏହି ଦୁପଟ୍ଟା ବି ଝିଅମାନଙ୍କୁ କ୍ଲାସି ଲୁକ୍ ଦେଇଥାଏ। ଖାସ୍‌କରି ପେଷ୍ଟାଲ୍ ସେଡ୍‌ର ଅର୍ଗାଞ୍ଜା ଦୁପଟ୍ଟାକୁ ଚିକନ୍‌କାରୀ ସୁଟ୍ ଅଥବା ସିଲ୍କ କୁର୍ତ୍ତା ସହିତ ମ୍ୟାଚିଂ କରି ଦେହରେ ପକାଇଲେ ଲୁକ୍ ବେଶ୍ ଟ୍ରେଣ୍ଡି ଲାଗେ।

**ବାନ୍ଧେନୀ ଦୁପଟ୍ଟା:** ଏହି ଦୁପଟ୍ଟା ବି ଝିଅଙ୍କୁ ଇନ୍‌ଷ୍ଟାଣ୍ଟ ଫେଷ୍ଟିଭ୍ ଲୁକ୍ ଦେଇଥାଏ। ଏହାର ଉଭୟ କଟନ୍ ହେଉକି ସିଲ୍କ ଫାବ୍ରିକ୍ ଦେଖିବାକୁ ବେଶ୍ ସୁନ୍ଦର ଲାଗେ। ଯେ କୌଣସି ସିମ୍ପଲ୍ ଆଉଟ୍‌ଫିଟ୍ ଉପରେ ଏହି ଦୁପଟ୍ଟାକୁ ପକାଇଲେ ବି ଆକର୍ଷଣୀୟ ଲୁକ୍ ମିଳିଥାଏ।

**କଲମ୍‌କରୀ ଦୁପଟ୍ଟା:** ହ୍ୟାଣ୍ଡ ପେଣ୍ଟେଡ୍ କିମ୍ବା ବ୍ଲକ୍ ପ୍ରିଣ୍ଟେଡ୍‌ର ଏହି କଲମ୍‌କରୀ ଦୁପଟ୍ଟାକୁ ସଲିଡ୍ କଲର୍‌ର କୁର୍ତ୍ତା ସାଙ୍ଗେ ପେୟାର୍ କରି ପିନ୍ଧିଲେ ବି ଝିଅମାନଙ୍କୁ ଗର୍ଜିୟସ୍ ଲୁକ୍ ମିଳିଥାଏ।


**ଭେଲ୍‌ଭେଟ୍ ଦୁପଟ୍ଟା:** ଏହି ଦୁପଟ୍ଟା ବି ଯୁବତୀଙ୍କୁ ରୟାଲ୍ ଲୁକ୍ ଦେଇଥାଏ। କିନ୍ତୁ ଧ୍ୟାନଦେବେ ଏହି ଦୁପଟ୍ଟାକୁ ଟ୍ରାଏ କଲାବେଳେ ଅନ୍ୟ ଆଉଟ୍‌ଫିଟ୍ ଗୁଡ଼ିକ ଯେତେ ହାଲ୍‌କା ରହିଥିବ ସେତେ ଭଲ। ନଚେତ୍ ଲୁକ୍ ବଲ୍‌କି ଲାଗିଥାଏ।

**ମିରର୍ ୱାର୍କ ଦୁପଟ୍ଟା:** ନବରାତ୍ରୀ ନାଇଟ୍ସ ହେଉକି ମେହେନ୍ଦି ଫଙ୍କସନ୍‌ରେ ଏହି ଟାଇପ୍‌ର ଦୁପଟ୍ଟାକୁ ଟ୍ରାଏ କରିବା ଏକ ବେଷ୍ଟ ଅପ୍ସନ ହୋଇଥାଏ। ଏହା ଯୁବତୀଙ୍କୁ ଫେଷ୍ଟିଭ୍ ଲୁକ୍ ଦେବାରେ ବେଶ୍ ସହାୟକ ହୋଇଥାଏ।

**ଖଦି ଦୁପଟ୍ଟା:** ହ୍ୟାଣ୍ଡଲୁମ୍ ଶାଢ଼ି ହେଉ କି ଖଦି କଟନ୍ ଶାଢ଼ି ପିନ୍ଧିବାକୁ ଯେମିତି ଆରାମ ଲାଗେ ସେମିତି ସୋବର୍ ଲୁକ୍ ବି ଦେଇଥାଏ। ସେହିପରି ଖଦି ଦୁପଟ୍ଟା ବି ଝିଅଙ୍କୁ ଆକର୍ଷଣୀୟ ଲୁକ୍ ଦିଏ। ଖଦି ଦୁପଟ୍ଟା ଟ୍ରାଏ କଲାବେଳେ ହାଲ୍‌କା ଜ୍ୱେଲେରୀ, ଲେଦର୍ ହ୍ୟାଣ୍ଡବ୍ୟାଗ୍ ଏବଂ ହାଲ୍‌କା ମେକ୍‌ଅପ୍ ନେଲେ ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।

**ଆନିମଲ୍ ପ୍ରିଣ୍ଟ ଦୁପଟ୍ଟା :** ଆନିମଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ବି କେବେ ଆଉଟ୍ ଅଫ୍ ଟ୍ରେଣ୍ଡ ହୁଏ ନାହିଁ। ସେହିପରି ଆନିମଲ୍ ପ୍ରିଣ୍ଟ ଦୁପଟ୍ଟା ମଧ୍ୟ ଝିଅଙ୍କୁ ସୋବର୍ ଲୁକ୍ ଦେଇଥାଏ। କଟନ୍ ଫାବ୍ରିକ୍‌ର ପ୍ଲେନ୍ ସାଲୱାର୍ ସୁଟ୍ ସାଙ୍ଗେ ଏହି ଦୁପଟ୍ଟା ବେଶ୍ ଭଲ ମ୍ୟାଚ୍ କରିଥାଏ।









## ହାଃ ହାଃ

### ମଣିଷ

ଶିକ୍ଷକ: ପ୍ରକୃତ ମଣିଷ ସିଏ, ଯିଏ ସବୁବେଳେ ଅନ୍ୟଙ୍କୁ ସାହାଯ୍ୟ କରେ।

ଛାତ୍ର: ହେଲେ ପରୀକ୍ଷା ସମୟରେ ନା ଆପଣ ମଣିଷ ହୁଅନ୍ତି ନା ଆଉ କାହାକୁ ହେବାକୁ ଦିଅନ୍ତି। ଏମିତି କାହିଁକି ?

### ତାଜମହଲ

ଜଣେ ବ୍ୟକ୍ତି ନିଜ ସାଙ୍ଗମାନଙ୍କୁ – ମୁଁ ତାଜମହଲକୁ ଆରାମରେ ନିଜ ମୁଣ୍ଡ ଉପରେ ଧରି ବିହାର ଯାଏ ନେଇପାରିବି।

ଏକଥା ଧୀରେ ଧୀରେ ଚାରିଆଡ଼େ ପ୍ରଚାର ହେଇଗଲା।

ଗଣମାଧ୍ୟମ ପ୍ରତିନିଧି ସେହି ବ୍ୟକ୍ତିଙ୍କୁ: ଏହା କ'ଣ ସତ ଯେ, ଆପଣ ତାଜମହଲକୁ ନିଜ ମୁଣ୍ଡରେ ବୋହି ବିହାର ଯାଏ ନେଇପାରିବେ ?

ବ୍ୟକ୍ତି: ହଁ, ଖାଲି କେହି ଜଣେ ତାକୁ ଉଠେଇ ଆଣି ମୋ ମୁଣ୍ଡ ଉପରେ ରଖିଲେ ହେଲା।

### ଠିଆ

ରାଜେଶ ପ୍ରକାଶକୁ: ମହିଳାମାନଙ୍କୁ ମୁଁ ବହୁତ ସମ୍ମାନ କରେ।

ପ୍ରକାଶ: ଭଲ କଥା।

ରାଜେଶ: ବସ୍ କି ଟ୍ରେନ୍‌ରେ ଗଲାବେଳେ ଯଦି ମୁଁ ବସିଥାଏ ଓ କୌଣସି ମହିଳା ଠିଆ ହୋଇଥାଆନ୍ତି ମୁଁ ଆଦୌ ସହିପାରେନା।

ପ୍ରକାଶ: ତା'ହେଲେ ତୁ କ'ଣ କରୁ ? ତାଙ୍କୁ ତୋ ସିଟ୍ ଦେଇଦେଉ ?

ରାଜେଶ: ନା। ସହି ନ ପାରି ଆଖି ବନ୍ଦ କରିଦିଏ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ବେଙ୍ଗାଲୁରୁ ଜଗନ୍ନାଥ ମନ୍ଦିର





ଜଗତରନାଥ ଶ୍ରୀଜଗନ୍ନାଥଙ୍କର ମହିମା କାହାକୁ ବା ଅଗୋଚର। ତାଙ୍କର ଆଶିଷ ଟିକେ ପାଇବାକୁ ଆଉ ତାଙ୍କର ଦର୍ଶନ ଟିକେ ଲଭିବାକୁ ପ୍ରତିଦିନ ଦେଶବିଦେଶରୁ ଭକ୍ତଗଣ ପୁରୀ ବଡ଼ଦେଉଳକୁ ଧାଇଁ ଆସନ୍ତି। ପୁରୀର ଜଗନ୍ନାଥ ମନ୍ଦିର ଆଉ ପୁରୀ ରଥଯାତ୍ରାର ପ୍ରସିଦ୍ଧି ସମଗ୍ର ବିଶ୍ୱରେ କାହିଁରେ କେତେ ରହିଛି। ହେଲେ ପୁରୀ ଛଡ଼ା ବି ଆହୁରି ଅନେକ ସ୍ଥାନରେ ଅଛି ଜଗନ୍ନାଥ ମନ୍ଦିର ଆଉ ସେଠାରେ ବି ପାଳିତ ହେଉଛି ରଥଯାତ୍ରା। ତନ୍ମଧ୍ୟରୁ ବେଙ୍ଗାଲୁରୁ ଜଗନ୍ନାଥ ମନ୍ଦିର ହେଉଛି ଅନ୍ୟତମ।

ଭଗବାନ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ସମର୍ପିତ ଏକ ଜଗନ୍ନାଥ ମନ୍ଦିର ବେଙ୍ଗାଲୁରୁରେ ବି ରହିଛି। ଏହା ସ୍ଥାନୀୟ ସରଜାପୁର ରୋଡ୍‌ରେ ଅବସ୍ଥିତ। ପୁରୀ ଜଗନ୍ନାଥ ମନ୍ଦିର ଦେଖିବାକୁ ଯେମିତି ଅବିକଳ ନ ହେଲେ ବି ସେହି ଢାଞ୍ଚାରେ ଏହି ମନ୍ଦିରଟିକୁ ଏଠାରେ ତିଆରି କରାଯାଇଛି। ସେହିପରି ବଡ଼ଦେଉଳରେ ପ୍ରଭୁଙ୍କର ଯାହା ବି ନୀତିକାନ୍ତି ପାଳିତ ହୋଇଥାଏ, ସେହି ନିୟମରେ ଏଠାରେ ବି ପ୍ରଭୁଙ୍କର ପୂଜାର୍ଚ୍ଚନା କରାଯାଇଥାଏ ବୋଲି ସୂଚନା ରହିଛି। ଏଠାରେ ମଧ୍ୟ ପ୍ରତିବର୍ଷ ପ୍ରଭୁଙ୍କର ସ୍ନାନପୂର୍ଣ୍ଣିମା, ରଥଯାତ୍ରା ଆଦି ପାଳିତ ହୋଇଥାଏ।

ରଥଯାତ୍ରାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ପ୍ରତିମାଙ୍କୁ ଏଠାରେ ବି ରଥ ଉପରେ ବିରାଜମାନ କରି ନଗର ପରିକ୍ରମା କରାଯାଇଥାଏ ; ଯାହାକୁ ଦେଖିବାକୁ ଆଖପାଖର ହଜାର ହଜାର ସଂଖ୍ୟାରେ ଭକ୍ତଗଣ ଧାଇଁ ଆସିଥାନ୍ତି। ବେଙ୍ଗାଲୁରୁରେ ବସବାସ କରୁଥିବା କେବଳ ଓଡ଼ିଆ ସମ୍ପ୍ରଦାୟର ଭକ୍ତଙ୍କୁ ନୁହେଁ, ପ୍ରଭୁଙ୍କର ଏହି ଅପୂର୍ବ ଲୀଳା ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ବି ଖୁବ୍ ଆକୃଷ୍ଟ କରିଥାଏ। ବର୍ତ୍ତମାନ ଏହି ମନ୍ଦିରଟିର ରକ୍ଷଣାବେକ୍ଷଣା ଦାୟିତ୍ୱ ବେଙ୍ଗାଲୁରୁର ଶ୍ରୀଜଗନ୍ନାଥ ଟେମ୍ପଲ୍ ଟ୍ରଷ୍ଟ ବୁଝୁଥିବା ସୂଚନା ରହିଛି।

## ମନ୍ଦିରର ନିର୍ମାଣଶୈଳୀ

ସୂଚନାନୁଯାୟୀ, କଳିଙ୍ଗ ଶୈଳୀ ବାସ୍ତୁକଳାରେ ନିର୍ମିତ ବେଙ୍ଗାଲୁରୁସ୍ଥିତ ଏହି ଜଗନ୍ନାଥ ମନ୍ଦିରଟିର ଅପୂର୍ବ କାରୁକାର୍ଯ୍ୟ ଭକ୍ତଗଣଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଏହି ମନ୍ଦିରର ଶାନ୍ତ, ସୁନ୍ଦର ପରିବେଶରେ କିଛି ସମୟ ବସିପଡିଲେ ଖୁବ୍ ଶାନ୍ତି ଲାଗିବା ସହ ମନରେ ସ୍ୱତଃ ଆଧ୍ୟାତ୍ମିକ ଭାବନା ଜାଗ୍ରତ ହୋଇଥାଏ। ଏଠାରେ ମୁଖ୍ୟ ଦେବଦେବୀ ଭାବେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପୂଜା କରାଯାଉଥିଲେ ହେଁ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ପାଇଁ ବି ଉକ୍ତ ମନ୍ଦିର ପରିସରରେ ସ୍ୱତନ୍ତ୍ର ଆସ୍ଥାନର ବ୍ୟବସ୍ଥା କରାଯାଇଛି।

## ନୀତିକାନ୍ତି

ଏଠାରେ ବି ପ୍ରତିଦିନ ନିୟମାନୁସାରେ ପ୍ରଭୁଙ୍କର ଆଳତି ହେବା ସହ ଅନ୍ୟାନ୍ୟ ନୀତିକାନ୍ତି କରାଯାଇଥାଏ। ନିୟମିତ ଭୋଗ ଲଗାଯାଇଥାଏ। ତା'ସାଙ୍ଗକୁ ଯେଉଁ ଭକ୍ତ ପ୍ରସାଦ ପାଇବାକୁ ଇଚ୍ଛା କରିଥାନ୍ତି, ତାଙ୍କୁ ପ୍ରସାଦ ବି ଦିଆଯାଇଥାଏ। ଦହି ପଖାଳ, ଖେଚୁଡ଼ି, ଡାଲମା ଇତ୍ୟାଦି ହେଉଛି ଏଠାକାର ମୁଖ୍ୟ ପ୍ରସାଦ।

## କେବେ ଓ କେମିତି ଯିବେ

ଭକ୍ତଗଣ ବର୍ଷର ସବୁ ସମୟରେ ଏଠାକୁ ପ୍ରଭୁଙ୍କ ଦର୍ଶନ ନିମନ୍ତେ ଯାଇପାରିବେ। ତେବେ ରଥଯାତ୍ରା ସମୟରେ ଏଠାରେ ଟିକେ ଅଧିକ ଗହଳି ହୁଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ବସ୍ ହେଉକି ଟ୍ରେନ୍ ଅଥବା ଫ୍ଲାଇଟ୍, ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ପ୍ରଥମେ ବେଙ୍ଗାଲୁରୁରେ ପହଞ୍ଚିଲା ପରେ ସେଠାରୁ ସ୍ଥାନୀୟ ସାଧନ ଯୋଗେ ଆରାମରେ ଯାଇ ସରଜାପୁର ରୋଡ୍‌ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିପାରିବେ।

## କିଛି ଜାଣିବା କଥା

* ଭକ୍ତଗଣଙ୍କ ଦର୍ଶନ ନିମନ୍ତେ ଉକ୍ତ ମନ୍ଦିରଟି ସକାଳ ୬ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩.୩୦ରୁ ରାତି ୯ଯାଏ ଖୋଲା ରହେ।
* ମନ୍ଦିରର ଶାନ୍ତି, ଶୃଙ୍ଖଳା ଓ ପରିଷ୍କାର, ପରିଚ୍ଛନ୍ନତା ପ୍ରତି ଭକ୍ତଗଣଙ୍କୁ ଏଠାରେ ଯଥେଷ୍ଟ ଧ୍ୟାନ ଦେବାକୁ ହୋଇଥାଏ।





# ପ୍ଲାଷ୍ଟିକ ବ୍ୟାଗ୍‌ର ଇତିହାସ



**ପନିପରିବା ହେଉକି ଚେଜରାତି ସାମଗ୍ରୀ, ଯାହା ବି ଆଣନ୍ତୁ ପ୍ଲାଷ୍ଟିକ ବ୍ୟାଗ୍‌ର ଆବଶ୍ୟକତା ପଡ଼େ। ଦୋକାନ ବଜାର, ସମସ୍ତଙ୍କ ଘରେ ଥାଏ ଏହି ବ୍ୟାଗ୍ । ତେବେ ଜାଣନ୍ତି କି ବହୁଳଭାବେ ବ୍ୟବହାର ହେଉଥିବା ଏହି ପ୍ଲାଷ୍ଟିକ ବା ପଲିଥିନ ବ୍ୟାଗ୍‌ର ଉଦ୍ଭାବନ କେବେ ଓ କିଏ କରିଥିଲେ? ଜାଣନ୍ତୁ ସେ ସମ୍ପର୍କରେ...**

**ଯେ**ତେବେଳେ ପ୍ରଶ୍ନ ଉଠେ ‘‘ପ୍ଲାଷ୍ଟିକ ବ୍ୟାଗ କେଉଁଠାରୁ ଆସିଛି ?’’। ପଲିଥିନ ଉଦ୍ଭାବନ ଏହାର ମୂଳଦୁଆ ବୋଲି କୁହାଯାଇପାରେ। ପ୍ଲାଷ୍ଟିକ ବ୍ୟାଗର ପ୍ରମୁଖ ଉପାଦାନ ତଥା ଏହି ପଲିଥିନର ନିଜସ୍ୱ ଏକ ଆକର୍ଷଣୀୟ ଇତିହାସ ଅଛି। ୧୯୩୩ ମସିହାରେ ଇଂଲଣ୍ଡର ନର୍ଥୱିଚରେ ଇମ୍ପେରିଆଲ କେମିକାଲ ଇଣ୍ଡଷ୍ଟ୍ରିଜ (ICI)ରେ ରେଜିନାଲ୍ଡ ଗିବସନ ଏବଂ ଏରିକ ଫାଓସେଟ ଏହାର ଉଦ୍ଭାବନ କରିଥିଲେ। ଏହି ଉଦ୍ଭାବନ ଥିଲା ସମ୍ପୂର୍ଣ୍ଣ ଆକସ୍ମିକ। ଏହି ବୈଜ୍ଞାନିକମାନେ ଅତ୍ୟଧିକ ଚାପରେ ଇଥିଲିନ ପରୀକ୍ଷଣ କରୁଥିଲେ। ଆଉ ସେ ଏକ ମହମ ଭଳି ଧଳା ପଦାର୍ଥ ଉଦ୍ଭାବନ କରିଥିଲେ। ଏହି ପଦାର୍ଥକୁ ପଲିଥିଲିନ ନାମରେ ନାମିତ କରାଯାଇଥିଲା। ଏହାର ହାଲୁକା ଓଜନ, ରାସାୟନିକ ପଦାର୍ଥ ପ୍ରତିରୋଧ ଶକ୍ତି ଏବଂ ବିଭିନ୍ନ ଆକାରରେ ପରିଣତ ହେବାର କ୍ଷମତା ଯୋଗୁ ଏହାର ଶିଳ୍ପ ବଢ଼ିଲା। ଲୋକପ୍ରିୟତା ବୃଦ୍ଧି ପାଇବା ଆରମ୍ଭ ହେଲା। ଫଳରେ ପ୍ଲାଷ୍ଟିକ ବ୍ୟାଗ ସମେତ ବିଭିନ୍ନ ପ୍ରକାରର ଜିନିଷ ତିଆରି ଆରମ୍ଭ ହେଲା।




ଆଧୁନିକ ପ୍ଲାଷ୍ଟିକ ଶପିଂ ବ୍ୟାଗ, ଯାହାକୁ ଏହାର ଆକାର ଯୋଗୁଁ ପ୍ରାୟତଃ ‘‘ଟି-ସାର୍ଟ ବ୍ୟାଗ’’ କୁହାଯାଏ, ତାହାକୁ ଗୁସ୍ତାଫ ଥୁଲିନ ଷ୍ଟାନ ନାମକ ଜଣେ ସ୍ୱିଡ଼େନର ଇଞ୍ଜିନିୟର ଡିଜାଇନ କରିଥିଲେ। ୧୯୬୦ ଦଶକର ପ୍ରାରମ୍ଭରେ ଷ୍ଟାନ ଯେତେବେଳେ ପ୍ୟାକେଜିଂ କମ୍ପାନୀ ସେଲୋପ୍ଲାଷ୍ଟରେ କାମ କରୁଥିଲେ, ପ୍ଲାଷ୍ଟିକ ବ୍ୟାଗ କିପରି ଦେଖାଯିବ ଏବଂ କିପରି କାର୍ଯ୍ୟ କରିବା ଉଚିତ ତାହା ପୁନଃକଳ୍ପନା କରିଥିଲେ। ଆଉ ପ୍ଲାଷ୍ଟିକର ଏକ ସରଳ ୱାନ୍-ପିସ ବ୍ୟାଗ ତିଆରି ପଦ୍ଧତି ବିକଶିତ କରିଥିଲେ। ଷ୍ଟାନଙ୍କ ଡିଜାଇନ ଅଧିକ ଭାର ବହନ କରିବାର କ୍ଷମତା ସହିତ ଏକ ସରଳ, ଦୃଢ଼ ବ୍ୟାଗ ଉତ୍ପାଦନ କରିଥିଲା। ତାଙ୍କର ଏହି ଅଭିନବ ଡିଜାଇନର ବ୍ୟାଗ, ୧୯୬୫ ମସିହାରେ ସେଲୋପ୍ଲାଷ୍ଟ କମ୍ପାନୀ ଦ୍ୱାରା ସାରା ବିଶ୍ୱରେ ପେଟେଣ୍ଟ କରାଯାଇଥିଲା। ତାଙ୍କ ପୁଅ ରାଉଲ ଦିନେ କହିଥିଲେ ଯେ, ବାପା ଷ୍ଟାନ ବିଶ୍ୱାସ କରୁଥିଲେ- ସ୍ଥାୟୀ ପ୍ଲାଷ୍ଟିକ ବ୍ୟାଗ ଏକକ ବ୍ୟବହୃତ ହେବ ନାହିଁ ବରଂ ଦୀର୍ଘକାଳୀନ ବ୍ୟବହୃତ ହେବ ଏବଂ ଗଛ କାଟି ତିଆରି କରାଯାଉଥିବା କାଗଜ ବ୍ୟାଗର ସ୍ଥାନ ନେବ। ୧୯୬୦ ଦଶକର ଶେଷଭାଗକୁ ପ୍ଲାଷ୍ଟିକ ବ୍ୟାଗ ୟୁରୋପୀୟ କିରାଣା ଦୋକାନଗୁଡ଼ିକରେ ଏକ ନିତାନ୍ତ ଆବଶ୍ୟକୀୟ ଜିନିଷ ହୋଇଗଲା। ୧୯୮୦ ଦଶକର ମଧ୍ୟଭାଗରୁ, ବିକଶିତ ବିଶ୍ୱରେ ଦୈନନ୍ଦିନ ସାମଗ୍ରୀ କିଣି ଦୋକାନରୁ ଘରକୁ ନେବା ପାଇଁ ପ୍ଲାଷ୍ଟିକ ବ୍ୟାଗ ସାଧାରଣ ହୋଇଗଲା। ପ୍ଲାଷ୍ଟିକ ବ୍ୟାଗଗୁଡ଼ିକ କ୍ରମଶଃ କାଗଜ ବ୍ୟାଗକୁ ବଦଳାଇଲା। ତା'ସହ କାଚ, ଧାତୁ, ପଥର, କାଠ ଏବଂ ଅନ୍ୟାନ୍ୟ ସାମଗ୍ରୀର ବି ସ୍ଥାନ ନେଲା। ପ୍ୟାକେଜିଂ କ୍ଷେତ୍ରରେ ନୂଆ ବିପ୍ଳବ ଆରମ୍ଭ ହେଲା ଓ ପ୍ଲାଷ୍ଟିକ ସପିଂ ବ୍ୟାଗଗୁଡ଼ିକ ଅତ୍ୟନ୍ତ ପ୍ରଚାରିତ ହୋଇଥିଲା। ବିଂଶ ଶତାବ୍ଦୀର ଶେଷ ଭାଗରେ ଆମେରିକୀୟ ଗ୍ରାହକ ସଂସ୍କୃତିରେ ପ୍ଲାଷ୍ଟିକ ବ୍ୟାଗର ସ୍ଥାନକୁ ସୁଦୃଢ଼ ହେଇଯାଇଥିଲା। ଧୀରେ ଧୀରେ ସାରା ବିଶ୍ୱରେ ଏହାର ବ୍ୟବହାର ହେବାକୁ ଲାଗିଲା। ଆଉ ଏହାର ବ୍ୟବହାର ଏତେ ମାତ୍ରାରେ ହେଲା ଯେ, ଏବେ ଏହା ପରିବେଶ ପାଇଁ ବିପଜ୍ଜନକ ପାଲଟିଛି। ତେଣୁ ଏବେ ପୁଣିଥରେ କାଗଜ ବ୍ୟାଗର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି।



# ପାଦର ଦୁର୍ଗନ୍ଧ ବାରିବ ରୋବୋ ଡଗ୍

**ପା**ଦ ଦୁର୍ଗନ୍ଧ ସମସ୍ୟା ଅନେକଙ୍କଠାରେ ପରିଲକ୍ଷିତ ହୁଏ। ଜାପାନରେ ତ ଏହି ସମସ୍ୟା ଅଧିକ ପରିଲକ୍ଷିତ ହୁଏ। ତେଣୁ କାହାରି ଘରକୁ ପ୍ରବେଶ କରିବା ପୂର୍ବରୁ ଜୋତାକୁ ବାହାରେ ରଖିବା ଅନିବାର୍ଯ୍ୟ ଥାଏ। ଏବେ ଏଠାରେ ଏହି ସମସ୍ୟାକୁ ଦୂର କରିବା ପାଇଁ ତିଆରି କରାଯାଇଛି ଏକ ରୋବୋ। ଏହି ରୋବୋଟି ଦେଖିବାକୁ ଏକ ସୁନ୍ଦର କୁକୁର ଛୁଆ ପରି। ଉକ୍ତ ରୋବୋ କୁକରର ନାମ ହେଉଛି ହାନା ଚାନ୍। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନଲୋଜି କିତାକ୍ୟୁଶୁ କଲେଜ୍ ଦୀର୍ଘ ୨ ବର୍ଷ ଏହାର ନିର୍ମାଣ କାର୍ଯ୍ୟରେ ଲାଗିଥିଲା। ଏବେ ଉକ୍ତ କଲେଜର ଆଫଇଲିଏଟେଡ୍(ସହବଦ୍ଧ) କମ୍ପାନୀ ନେକ୍ସଟ୍‌ଟେକ୍ନଲୋଜି ଏହାକୁ ଲଞ୍ଚ କରିଛି। ୧୫ ସେ.ମିର ଏହି ରୋବୋ ଡଗ୍‌ର ନାକରେ ଏକ ସ୍ୱତନ୍ତ୍ରଧରଣର ସେନ୍ସର ଲାଗିଛି। ଉକ୍ତ ସେନ୍ସର ସାହାଯ୍ୟରେ ଏହା ପାଦକୁ ଶୁଙ୍ଘି ଜଣାଇଦେବ ଯେ, ଆପଣଙ୍କ ପାଦ ଦୁର୍ଗନ୍ଧ ହେଉଛି ନା ନାହିଁ। ଆଉ ଏହା ଜଣାଇବାର ତରିକା ବେଶ୍ ମଜାଦାର। ଯଦି ପାଦ ଦୁର୍ଗନ୍ଧ ହେଉ ନ ଥାଏ ତେବେ ଖୁସିରେ ନିଜର କୁନି ଲାଞ୍ଜ ହଲାଇବ। ଯଦି ସାମାନ୍ୟ ଗନ୍ଧ ହେଉଛି, ତେବେ ଏହା ଭୁକିବା ଆରମ୍ଭ କରିଦେବ। ଆଉ ଯଦି ଅତ୍ୟଧିକ ଦୁର୍ଗନ୍ଧ ହେଉଥାଏ ତେବେ ସେ ସେହିଠାରେ ହିଁ ଅଚେତ୍ ହେବା ପରି ପଡ଼ିଯିବ। ଯେମିତିକି ଦୁର୍ଗନ୍ଧ ପାଇଁ ସେ ବେହାଶ୍ ହୋଇଯାଇଛି। କୁହାଯାଉଛି ଉକ୍ତ ରୋବୋରେ ଏୟାର୍ ଫ୍ରେଶନର୍ ସ୍ପ୍ରେ ସିଷ୍ଟମ୍ ବି ରହିବ। ଯଦ୍ୱାରା ରୋବୋ ଡଗ୍ ଦୁର୍ଗନ୍ଧ ହେଉଥିବା ପାଦ ଉପରେ ଉକ୍ତ ସ୍ପ୍ରେ ପକାଇ ମହକ ଭରିଦେବ। ନେକ୍ସଟ୍ ଟେକ୍‌ନୋଲୋଜି କମ୍ପାନୀ ଏହାକୁ ୯,୨୮୦ ଡଲାରରେ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଇଛି।





## କଥା ଟାଟ୍

ଓଁ ଅଭିଜ୍ଞାନ ସାହୁ

# ଖୋଳିଲେ ମିଳଇ ହରି, ଖୋଜିଲେ ବହୁ ଦୂର

**ଆ**ଜି ଯାଏ ଭାବୁଥିଲି ଖୋଜିଲେ ଭଗବାନ ମିଳନ୍ତି । ହେଲେ ଏବେ ଜାଣୁଛି ଖୋଳିଲେ ଭଗବାନ ମିଳନ୍ତି। ବିଗତ ଦଶ ପନ୍ଦର ବର୍ଷ ହେଲା ଏ ଧାରଣା ମୋର ଦିନକୁ ଦିନ ଅଧିକ ଦୃଢ଼ୀଭୂତ ହେଉଛି । କାହିଁ କେତେ ମୁନୀ ଋଷି ହିମାଳୟର ବରଫ ଗୁମ୍ଫାରେ ତପସ୍ୟା କରି କରି ଜୀବନ ସାରିଦେଲେ ହେଲେ ସମସ୍ତଙ୍କୁ ଭଗବାନ ଦର୍ଶନ ଦେଲେନାହିଁ। ଗାଲୁ ମାଧବଙ୍କ ଘୋଡ଼ା ଝୁଣ୍ଟିଲା ନାହିଁ ଯେ ଭଗବାନଙ୍କ ସହ ବାଲିରେ ପୋତି ହୋଇଥିବା ସମ୍ପୂର୍ଣ୍ଣ ମନ୍ଦିର ମିଳିଗଲା। ଭକ୍ତର ଭଗବାନ ସେ। କେତେବେଳେ କାହାକୁ କେଉଁ ରୂପରେ କେଉଁ ସ୍ଥାନରେ ଦର୍ଶନ ଦେବେ ତାହା କେବଳ ସେହି ଲୀଳାମୟଙ୍କୁ ଜଣା । କେତେବେଳେ ବିଲ ଭିତରୁ ମିଳିଲେଣି ତ କେତେବେଳେ ମସ୍‌ଜିଦ ତଳୁ ଆଉ କେତେବେଳେ ପାହାଡ଼ କାନ୍ଥ କି ଭଙ୍ଗା ସ୍ତୂପ ଭିତରୁ । ବିଚରା ଋଷିମାନେ ଯଦି ଜାଣିଥାନ୍ତେ ଖୋଜିଲେ ପ୍ରଭୁ ମିଳନ୍ତି ନାହିଁ ଖୋଳିଲେ ମିଳନ୍ତି ତାହାହେଲେ ତେତିଶ କୋଟି ଦେବଦେବୀଙ୍କୁ ପାଇବାକୁ ପୂରା ହିମାଳୟ ଖୋଳି ସମତୁଲ କରିଦେଇଥାନ୍ତେ। ଐତିହ୍ୟସମ୍ପନ୍ନ ଦେଶ ଆମର । ମାଟି ତଳେ କେତେ କେତେ ଐତିହ୍ୟ ଲୁଚି ରହିଛି । ଯେଉଁଠି ଖୋଳିବ ସେଠି କିଛି ନା କିଛି ମିଳିବ । ମାଟି ତଳେ କେତେ ଯେ ସଭ୍ୟତା ଲୁଚି ରହିଛି ତା'ର ହିସାବ ନାହିଁ। ଯଦି ଖୋଳା ନ ଯାଇଥାନ୍ତା ହୁଏତ ସେମାନଙ୍କ ବିଷୟରେ ଆମେ କିଛି ଜାଣିପାରି ନ ଥାନ୍ତୁ । ଯାହା ଆବୃତ ତାହା ସର୍ବଦା କୌତୂହଳପ୍ରଦ, ରହସ୍ୟମୟ । କୌତୁକପ୍ରିୟ ମଣିଷ ତା'ର ଅତୀତ ରହସ୍ୟ ଭେଦ କରିବାକୁ ଯଦି ଦରକାର ପଡେ ତେବେ ସମଗ୍ର ଭୂଖଣ୍ଡକୁ ଖୋଳିଦେବା ପାଇଁ ପଛେଇବ ନାହିଁ ।

ରୁଷିଆର ବୈଜ୍ଞାନିକମାନେ ପୃଥିବୀର ତଳଭାଗରେ କ'ଣ ଅଛି ଜାଣିବା ପାଇଁ ଚାହିଁଲେ । ୧୨ କିମି ଯାଏ ଖୋଳିଲା ପରେ ଉତ୍ତାପ ଏତେ ଅଧିକ ଥିଲା ଯେ ଖୋଳିବା ମେଶିନର ଲୁହା ତରଳି ଗଲା । ଉଡା ଖବରରୁ ଶୁଣିଲୁ ଗାତ ଭିତରୁ କାଳେ ମଣିଷଙ୍କ ବିକଟାଳ ଶବ୍ଦ ଶୁଣାଯାଉଥିଲା। ଲୋକେ କହିଲେ ନର୍କ ଯନ୍ତ୍ରଣା ଭୋଗୁଥିବା ଆତ୍ମାମାନଙ୍କ ଏ ବିକଟାଳ ଶବ୍ଦ। ପଚାଶ ବର୍ଷ ପୂର୍ବେ ତୁର୍କୀରେ ତେଲ ପାଇଁ ଯେଉଁ ବିରାଟକାୟ ଗଭୀର ଗାତ ଖୋଳାଯାଇଥିଲା ସେଠି ଏ ପର୍ଯ୍ୟନ୍ତ ଅନବରତ ନିଆଁ ଜଳୁଛି । ତେଲ ପାଇଁ ଗାତ ଖୋଳୁ ଖୋଳୁ ଭୁଲରେ ନର୍କଠାରେ ମଣିଷ ବାପୁଡା ପହଞ୍ଚି ଯାଇଥିଲା । ସ୍ଥାନୀୟ ଲୋକଙ୍କ କହିବା କଥା ଏହା କାଳେ ନର୍କକୁ ପ୍ରବେଶ ଦ୍ୱାର । ଶୁଣା କଥା ସତ୍ୟ ବୋଲି ଏବେକୁ ମୋର ପ୍ରତ୍ୟୟ ହେଉଛି। 'ପାତାଳ' ବୋଲି ଗୋଟେ ବିଶ୍ୱାସ ଆବହମାନ କାଳରୁ ଆମ ଶାସ୍ତ୍ରରେ ଉଲ୍ଲେଖ ଅଛି । ପ୍ରଭୁ ପାଦରେ ଚିପି ବଳିକୁ ପାତାଳକୁ ଠେଲି ଦେଇଥିଲେ । ଶୂନ୍ୟରେ ସ୍ୱର୍ଗ ଓ ପାତାଳରେ ନର୍କ ଅଛି ବୋଲି ଶୁଣିଛି । ଅନୈତିକ ଉପାୟରେ ଅର୍ଜିତ ଧନକୁ ଲୁଚେଇ ସଞ୍ଚିବା ପାଇଁ ମାଟିରେ ପୋତୁ। ସ୍ୱର୍ଗପୁରୀରେ ଦେବଗଣ ବିରାଜମାନ କରନ୍ତି । ସେଠି ନାହିଁ ନ ଥିବା ସୁବିଧା ଦେବତାମାନଙ୍କ ପାଇଁ। ଆମ ପୁରୀଠାରେ ସ୍ୱର୍ଗକୁ ଯିବାପାଇଁ ସ୍ୱର୍ଗଦ୍ୱାର ଅଛି। ଆଗରୁ କେବଳ ସତ୍‌ଚିନ୍ତନ ଧର୍ମୀ ଲୋକମାନେ ସ୍ୱର୍ଗକୁ ଯାଇପାରୁଥିଲେ। କିନ୍ତୁ ସାର୍ବଭୌମ ଗଣତାନ୍ତ୍ରିକ ଦେଶର ସରକାର ସତ୍ ଅସତ, ଧର୍ମୀ ବିଧର୍ମୀ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସାହାଣମେଲା କରିଦେଇଛନ୍ତି। ଏବେ କେହି ବି ହରିଶ୍ଚନ୍ଦ୍ର ଯୋଜନାରେ ସ୍ୱର୍ଗକୁ ମାଗଣା ଯାଇପାରୁଛନ୍ତି । ହେଲେ ନର୍କ କଥା ଟିକେ ଅଲଗା । ଆମ ବିଶ୍ୱାସରେ ପାତାଳରେ ଥାଏ ନର୍କ । ସେଠି ଚୁଲିରେ ଅନବରତ ତେଲ କଡେଇ ଫୁଟୁଥିବ, 'ତୁର୍କୀର ନର୍କକୁ ଦ୍ୱାର' ଭଳି ବର୍ଷତମାମ ନିଆଁ ଜଳୁଥିବ । ଶୋଇବା ପାଇଁ କଣ୍ଟା ଶେଯ, ପାଦଚଲା ରାସ୍ତାରେ ରଡ଼ ନିଆଁ ଭଳି ଅନେକ ଯନ୍ତ୍ରଣାଦାୟକ କଥା ଶୁଣିଛୁ ।

ଏଠି ସ୍ୱର୍ଗ ନର୍କର ବିବରଣୀ ଦେବା ମୋର ଆଲୋଚ୍ୟ ବିଷୟ ନୁହେ କି ମୁଁ ସ୍ୱର୍ଗପୁରୀ କିମ୍ବା ନର୍କପୁରୀର ଟ୍ରାଭେଲ ଏଜେଣ୍ଟ ନୁହେଁ । ମୋ କହିବା କଥା ରୁଷିଆ ହେଉ କି ତୁର୍କୀରେ ହେଉ ମାଟି ଖୋଳିଲେ ବୋଲି ତ ନର୍କ ବିଷୟରେ ଜାଣିଲୁ । କିନ୍ତୁ ମୋ ପାଇଁ ଯାହା ସବୁଠୁ ବଡ଼ କଥା ତାହା ହେଲା ହେତୁ ପାଇଲା ଦିନୁ ଭଗବାନ ସ୍ୱର୍ଗରେ ରୁହନ୍ତି ବୋଲି ମୋର ଯେଉଁ ଧାରଣାଟି ଥିଲା ତାହା ଯେ ସୁଦ୍ଧୁ ଭ୍ରମ ଏ କଥା ମୁଁ ଏବେ ଜାଣୁଛି। ଏବେ କେଉଁଠି ପରିତ୍ୟକ୍ତ ଶତାୟୁ ବାମ୍ଫି ଭିତରୁ ପ୍ରଭୁ ଉଭା ହେଲେଣି ତ କେଉଁଠି ପାତାଳ ଫୁଟେଇ ଦେବ ଦେବ ମହାଦେବ ଦର୍ଶନ ଦେଲେଣି । କେବଳ ଓଡ଼ିଶାରେ ଶହେ ସରିକି ମନ୍ଦିରରେ ପାତାଳଫୁଟା ମହାଦେବ ପୂଜା



ପାଉଛନ୍ତି। ଭାରତର ଅନେକ ମନ୍ଦିରରେ ମାଟିତଳୁ ବାହାରିଥିବା ପ୍ରଭୁଙ୍କ ଚଳନ୍ତି ପ୍ରତିମା ପୂଜା ପାଉଛନ୍ତି। ଯଦିବା କ୍ୱଚିତ କେଉଁଠି ଏ ଯାଏ ଖୋଳାଯାଇନି ସେଠି ପ୍ରଭୁ ସ୍ୱୟଂ ସ୍ୱପ୍ନାଦେଶ ଦେଇ କହିଦେଉଛନ୍ତି କାହା ଜମିର କେଉଁ ଦିଗରେ ସେ ପୋତିହୋଇରହିଛନ୍ତି। ପାତାଳରେ ଯକ୍ଷ ଓ ରାକ୍ଷସମାନେ କାଳେ ରୁହନ୍ତି ବୋଲି ଶୁଣିଥିଲି । ତେବେ ସ୍ୱର୍ଗବାସୀ ଦେବତାମାନେ ଏତେ ସଂଖ୍ୟାରେ ପାତାଳରେ କ'ଣ କରୁଛନ୍ତି ତାହା ମୋତେ ଆଶ୍ଚର୍ଯ୍ୟ କରୁଛି । ଆମର ସ୍ୱୟଂ ବଡ଼ଠାକୁର ମଧ୍ୟ ଏକଦା ପାତାଳୀ ହୋଇଥିବାର ପ୍ରମାଣ ଅଛି । ପ୍ରଭୁଙ୍କୁ ପାତାଳୀ କରିବା ପାଇଁ ତ ଗାତ ଖୋଳା ଯାଇଥିବ ଓ ତାଙ୍କୁ ଉଭା କରିବାକୁ ପୁଣିଥରେ ଗାତ ଖୋଳା ହୋଇଥିବ ନିଶ୍ଚେ। ତେଣୁ ମୋର ଯାହା ମନେହୁଏ କେବଳ ସରକାରଙ୍କ ରାସ୍ତା ଠିକାଦାର କିମ୍ବା ମନରେଗା ଠିକାଦାର ନୁହନ୍ତି ସ୍ୱୟଂ ପ୍ରଭୁଙ୍କର ମଧ୍ୟ ଖୋଳିବା ପସନ୍ଦ ଥିଲା । ଯୁଗେ ଯୁଗେ ଭକ୍ତଙ୍କୁ ସେ ଖୋଳିବା କାମରେ ଲଗେଇ ଦର୍ଶନ ଦେଉଛନ୍ତି ।

ପୁରାଣ ଅନୁଯାୟୀ ଜନକ ରାଜା ଜମିରେ ହଳ କରୁଥିବା ବେଳେ ମାଟି ତଳୁ ଦେବୀ ସୀତାଙ୍କୁ ପାଇଥିଲେ । ଗ୍ରୀକ୍‌ରେ ଦେବୀ ଗୈୟା, ରୋମ୍‌ରେ ଟେରା ମେଟର, ମିଶରରେ ଗେବ ଦେବୀ ସମସ୍ତେ ମାଟି ତଳୁ ବାହାରିଛନ୍ତି। ଯାହା ଜଣାପଡୁଛି ଏ ଖୋଳିବା କାମ କେବଳ ଆମ ଦେବଭୂମି ପର୍ଯ୍ୟନ୍ତ ସୀମିତ ନ ଥିଲା ପୃଥିବୀର ବିଭିନ୍ନ ପ୍ରାନ୍ତରେ ମଧ୍ୟ ଏହିଭଳି ପୌରାଣିକ ଖନନ କାମ ହୋଇଛି ।

କୁହନ୍ତିନି, ଉଭା ଯେତିକି ପୋତା ସେତିକି । ଉପରକୁ ଯେତେ ଯିବ ସେହି ଅନୁପାତରେ ତଳକୁ ସେତେ ଖୋଳିବ । ମାଟି ଉପରେ ଯେତିକି ପ୍ରାଚୁର୍ଯ୍ୟ, ମାଟି ତଳେ ସେତିକି । ଖୋଳିଲେ କୋଇଲାଠାରୁ ଲୁହା ପଥର ଯାଏ ସବୁ ମିଳିବ। ରୋଷେଇ ଗ୍ୟାସ୍‌ଠାରୁ ପେଟ୍ରୋଲ ସବୁ ଖୋଳିଲେ ମିଳୁଛି । ପୋତିଲେ କ'ଣ ମିଳୁଛି ? କିଛି ନାହିଁ । ପ୍ରତ୍ୟେକ ସରକାର ଖୋଳିବାରେ ଯେତିକି ଆଗ୍ରହ ଦେଖେଇଛନ୍ତି ପୋତିବା ପାଇଁ ସେତିକି କେବେ ଦେଖେଇନାହାନ୍ତି । ଗରିବ ଚାଉଳ ପାଇଁ ମନରେଗାରେ ମାଟି ଖୋଳୁଛନ୍ତି । ଧନୀ କୋଇଲା ପାଇଁ ଖଣି ଖୋଳୁଛନ୍ତି। ଧର୍ମାନ୍ଧ ମଣିଷ ଭଗବାନଙ୍କୁ ପାଇବାକୁ ମସ୍‌ଜିଦ ଖୋଳୁଛନ୍ତି । ଅତୀତକୁ ଜାଣିବା ପାଇଁ ଐତିହାସିକମାନେ ସହର ଖୋଳୁଛନ୍ତି । ଖଣି ଖାଦାନ ପାଇଁ ଆଜି ଗାଁ, ଜଙ୍ଗଲ ନିଶ୍ଚିହ୍ନ । ଯେଉଁଠି ଏକଦା ପାହାଡ଼ ଥିଲା ପଥର ପାଇଁ ତାହା ଆଜି ସମତଳ । ମନୁଷ୍ୟ ବ୍ୟବହୃତ ଆବର୍ଜନାରେ ନଦୀ ସବୁ ପୋତିହେଲା ପରେ ମେଶିନରେ ଏବେ ନଦୀ ଗର୍ଭ ଖନନ ଚାଲିଛି। ରାସ୍ତା ପାଇଁ ରାସ୍ତା ଖୋଳାଯାଉଛି । ରାସ୍ତା ତିଆରି ସରିଲେ ପାଣି ପାଇପ ପାଇଁ ପୁଣି ଥରେ ଖୋଳା ଯାଉଛି । ସେ କାମ ସରିଲେ କେବୁଲ ପାଇଁ ଆଉ ଥରେ ରାସ୍ତା ଖୋଳା ଯାଉଛି। ଏ ସବୁ କାମ ସରିଲା ପରେ ସରକାର ଜାଣୁଛନ୍ତି ପାଣି ପାଇପ ପାଇଁ ଯେଉଁ ରାସ୍ତାରେ ଗାତ ଖୋଳିଥିଲେ ପାଣି ପାଇପ ସେ ରାସ୍ତା ଦେଇ ଯିବାର ନ ଥିଲା । ପୁଣି ଆଉ ଗୋଟେ ନୂଆ ରାସ୍ତାରେ ଗାତ ଖୋଳା ହୋଇ ପାଇପ ଯାଉଛି । ରାସ୍ତା ତିଆରି ସରିଲା ପରେ ଜଣାପଡୁଛି ବୈଷୟିକ ତ୍ରୁଟି ପାଇଁ ପାଇପରେ ପାଣି ଯାଉନି । ପୁଣି ରାସ୍ତା ଖୋଳାଯାଉଛି। ଏମିତି ଅନେକ ରାସ୍ତା ଅଛି ଯାହା ନେହେରୁ ସରକାରଙ୍କ ସମୟରେ ଖୋଳିବା ଆରମ୍ଭ ହୋଇଥିଲା ତାହା ଆଜିଯାଏ ଖୋଳା ଚାଲିଛି। ଜାଣ ରାସ୍ତା ନୁହେଁ ତ ସାକ୍ଷାତ ଲେଉଟିଆ ଶାଗ କିଆରି । ଯେତେଥର ଖୋଳା ଯାଉଥିବ ସେତେଥର ନୂଆ ତିଆରି ହେଉଥିବ। ଏମିତି ବି ଅନେକ ରାସ୍ତା ଅଛି ଯେଉଁଠି ଗର୍ତ୍ତ ଖୋଳା ଯାଇଛି ହେଲେ ବର୍ଷ ବର୍ଷ ଧରି କେବେ ତାକୁ ପୋତାଯାଇନି । କେତେବେଳେ ସେ ଗର୍ତ୍ତରେ ସ୍କୁଲ ପିଲା, ସ୍କୁଟି ଚଳାଉଥିବା ଲୋକ, କାର ଏପରି କି ସମ୍ପୂର୍ଣ୍ଣ ଟ୍ରକ୍ ଗଳିପଡ଼ି ଲୋକ ମରିବାର ନଜିର ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି । ତଥାପି ଖୋଳା କେବେ ବନ୍ଦ ହୋଇନି । ମୁର୍ଦ୍ଦାରକୁ ସ୍ୱର୍ଗକୁ ପଠେଇବାକୁ କବର କି ସମାଧି ଦେଉଥିବା ମଣିଷଟି ଜୀବିତ ଅବସ୍ଥାରେ ଗାତରେ ପଡି ଅସହାୟ ମୃତ୍ୟୁବରଣ କଲା ପରେ ନର୍କ ହୋଇ ସ୍ୱର୍ଗକୁ ଯାଏ ନା ସିଧା ସ୍ୱର୍ଗକୁ ଯାଏ କେଜାଣି!


ଦିନ ଆସିବ, ମହେଞ୍ଜୋଦାର ଭଳି ଏ ସଭ୍ୟତା ବି ମାଟି ତଳେ ପୋତି ହୋଇଯିବ ଓ ଏହା ସହ ପୋତି ହୋଇଯିବେ ଏବେ ଖୋଳା ହୋଇ ବାହାରିଥିବା ପ୍ରଭୁଙ୍କ ଚଳନ୍ତି ପ୍ରତିମାମାନେ । ତା'ର ହଜାର ବର୍ଷ ପରେ କୌତୂହଳ ପ୍ରିୟ ମଣିଷ ଖୋଳିଲା ବେଳେ ପ୍ରଭୁ ପୁଣି ମାଟିତଳୁ ବାହାରି ଦର୍ଶନ ଦେବେ। ସଭ୍ୟତା ପରେ ସଭ୍ୟତା ସରିଯିବ ହେଲେ ଏ ଖନନ ପ୍ରକ୍ରିୟା ଅନବରତ ଚାଲିଥିବ । ସ୍ୱାମୀ ଗଭୀରାନନ୍ଦଙ୍କ ଭାଷାରେ ଜୀବନ ତତ୍ତ୍ୱକୁ ଜାଣିବାକୁ ହେଲେ ଆମକୁ ପ୍ରଥମେ ଖୋଳିବାର ମହତ୍ତ୍ୱକୁ ବୁଝିବାକୁ ହେବ।

*–ବନମାଳୀ ଭବନ, ଖାନନଗର, କଟକ*
*ମୋବାଇଲ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଭଙ୍ଗା ଘରେ ଚକାଜହ୍ନ

**ଡକ୍ଟର ବସନ୍ତ କୁମାର ଦାସ, ପ୍ରକାଶିକା– ଶ୍ରୀମତୀ ଶାନ୍ତିଲତା ଦାସ ପଲ୍ଲବୀ ପ୍ରକାଶନୀ, ବ୍ରହ୍ମେଶ୍ୱର, ଭୁବନେଶ୍ୱର–୧୮ ,ମୂଲ୍ୟ– ୭୦୦ଟଙ୍କା**





'ଭଙ୍ଗା ଘରେ ଚକାଜହ୍ନ' ପୁସ୍ତକଟି ୩ଟି ଉଚ୍ଛ୍ୱାସରେ ବିଭକ୍ତ ହୋଇଛି। ପ୍ରଥମ ଉଚ୍ଛ୍ୱାସରେ ଜନ୍ମଠାରୁ ଆଜି ପର୍ଯ୍ୟନ୍ତ ଲେଖକଙ୍କର ଘଟିଥିବା ଘଟଣାକ୍ରମ । ଦ୍ୱିତୀୟ ଉଚ୍ଛ୍ୱାସରେ ମାନସିକ ଭାବରେ ଦିଗଭ୍ରଷ୍ଟ ଓ ବିଭ୍ରାନ୍ତ ମଣିଷକୁ ପରାମର୍ଶ, ଯାହା କାଉନ୍‌ସେଲିଂର ଶିରୋନାମାରେ ରହିଛି। ତୃତୀୟ ଉଚ୍ଛ୍ୱାସରେ ଲେଖକଙ୍କ ଗାଁ, ପରିବାର, ଅନ୍ତରଙ୍ଗ ବନ୍ଧୁବର୍ଗ, ଅବିସ୍ମରଣୀୟ ଛାତ୍ରୀଛାତ୍ର ବୃନ୍ଦ। ଏହାର ନାମକରଣ ହୋଇଛି, ମୋ ଗାଁ, ମୋର ପରିବାର, ମୋର ବନ୍ଧୁବର୍ଗ ଓ ମୋର ଛାତ୍ରୀଛାତ୍ର ବୃନ୍ଦ। ଲେଖକ ବସନ୍ତ କୁମାର ଦାସଙ୍କର ଏହି ଆତ୍ମଜୀବନିରୁ ମନୋବିଜ୍ଞାନ ସମ୍ପର୍କରେ ଅନେକ କଥା ଜାଣିହୁଏ। ଯାହା ସେ ତାଙ୍କ ଦୀର୍ଘଦିନର ଅଭିଜ୍ଞତାରୁ ଲେଖିଛନ୍ତି । ପୁସ୍ତକଟି ପାଠକାଦୃତି ଲାଭ କରିବ ବୋଲି ଆଶା।

### ଏମିତି ଜୀବନ

**ଶେଷଦେବ ବେହେରା, ପ୍ରକାଶକ– ଗଞ୍ଜାମର କବିତା ଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର , ମୂଲ୍ୟ–୧୨୦ଟଙ୍କା**

**ପୁ**ସ୍ତକରେ ୪୦ଟି କବିତା ସ୍ଥାନିତ ହୋଇଛି। ଅଧିକାଂଶ କବିତାର ମୁଖ୍ୟ ବିଷୟ ହେଉଛି ଜୀବନ, ସମାଜ, ସଂସାର ଓ ଶିକ୍ଷା। କବିତାଗୁଡିକରେ ହୋଇଥିବା ଜୀବନ୍ତ ଶବ୍ଦ ସଂଯୋଜନା, ସାବଲୀଳ ଭାଷା ପ୍ରୟୋଗ କବିଙ୍କ କାବ୍ୟିକ କଳା କୌଶଳର ପ୍ରମାଣ ଦିଏ। ସ୍ଥାନିତ କବିତା ଗୁଡିକର ଭାବ ଆଉ ଭାଷା କବିତାର ମର୍ଯ୍ୟାଦା ବଢାଇଥାଏ। ଏହି କବିତାଗୁଡିକରେ ଭରି ରହିଛି ଜୀବନ ଦର୍ଶନ । ରହିଛି ସମାଜ ଓ ସଂସାର। କବି କେଉଁଠି ବ୍ୟଗ୍ର ତ ଆଉ କେଉଁଠି ଶାନ୍ତ ସ୍ନିଗ୍ଧ। ପୁସ୍ତକଟି ନିଶ୍ଚୟ ପାଠକୀୟ ଆଦୃତି ଲାଭ କରିବ ।



# ଅଭୁତ ଚଢେଇ



ପ୍ରକୃତି କୋଳରେ ଅନେକ ଅଜବ ଓ ଅଦ୍ଭୁତ ପ୍ରାଣୀ ଅଛନ୍ତି। ଆଉ ସବୁ ପ୍ରାଣୀଙ୍କ ବୈଶିଷ୍ଟ୍ୟ ପରସ୍ପରଠାରୁ ଭିନ୍ନ ହୋଇଥାଏ। ଯେମିତିକି ପୋଟୁ ନାମକ ଏହି ପକ୍ଷୀ। ଦେଖିବାକୁ ଏହା ବେଶ୍ ଅଜବ। ଭୂତ ପରି ଲାଗେ। ତେଣୁ ଏହାକୁ ଘୋଷ୍ଟ ବାର୍ଡ ବି କୁହାଯାଏ। ପୋଟୁ ଚଢେଇ ଏଭଳି ବୋବାଇଥାଏ ଯାହାକୁ ଶୁଣିଲେ ଭୟରେ ଦେହ ଥରିଯିବ। ମେକ୍ସିକୋ, ମଧ୍ୟ ଓ ଦକ୍ଷିଣ ଆମେରିକା ଏବଂ କ୍ୟାରେବିଆନ୍ ଆଦି ସ୍ଥାନରେ ଦେଖିବାକୁ ମିଳୁଥିବା ଏହି ଅଜବ ପକ୍ଷୀର ବିଶେଷତ୍ୱ ହେଉଛି ଏହାର ବଡ଼ ବଡ଼ ମଣିଷ ଭଳି ଆଖି, ବଡ଼ ମୁଣ୍ଡ, ଛୋଟ ବେକ, ଲମ୍ବା ଶରୀର ଓ ଛୋଟ ବଙ୍କା ଥଣ୍ଟ । ଆଉ ଏକ ଅଜବ କଥା ହେଉଛି ଏହି ଚଢେଇ ବନ୍ଦ ଆଖିରେ ବି ଦେଖିପାରେ। କାରଣ ଏହାର ଆଖିପତାରେ ଛୋଟ ଛୋଟ ଛିଦ୍ର ଥାଏ। ତେଣୁ ଆଖି ବନ୍ଦ ଥାଇ ବି ଆଲୋକ ଓ ହଲଚଲକୁ ଅନୁଭବ କରିପାରେ। ଫଳରେ ବିଶ୍ରାମ ନେବାବେଳେ ଆଖି ବନ୍ଦ ଥାଇ ବି ବିପଦ ଜାଣିପାରେ। ଏହା ରାତ୍ରିଚର ପକ୍ଷୀ ଅଟେ। ଏହାର ଥଣ୍ଟ ଛୋଟ କିନ୍ତୁ ଆଁ କଲେ ଜଣାପଡ଼େ ତା'ର ପାଟି କେତେ ବଡ଼। ଶରୀରର ରଙ୍ଗ ଏମିତି ଯେ, ଗଛର ଶୁଖିଲା ଡାଳରେ ବସିଥିଲେ ବି ଜଣାପଡ଼େନି ଏହା ବସିଛି ବୋଲି।



# କୁନି ଫ୍ୟାଶନ ଡିଜାଇନର୍



ପ୍ରତିଭା ବିକାଶ ହେବାର କୌଣସି ବୟସ ନ ଥାଏ। ଯାହା ପ୍ରମାଣିତ ହୁଏ ମାକ୍ସ ଆଲେକଜାଣ୍ଡାରଙ୍କ କ୍ଷେତ୍ରରେ। ମାତ୍ର ୬ ବର୍ଷ ବୟସରେ ସେ ଫ୍ୟାଶନ ଇଣ୍ଡଷ୍ଟ୍ରୀରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛନ୍ତି। ଶେରୋନ ଷ୍ଟୋନ ଓ ଡେବରା ମେସିଂଙ୍କ ଭଳି ବହୁ ଲୋକପ୍ରିୟ ହଲିଉଡ ଅଭିନେତ୍ରୀଙ୍କ ପାଇଁ ସେ ପୋଷାକ ଡିଜାଇନ୍ କରିଛନ୍ତି। ନ୍ୟୁୟର୍କ ଫ୍ୟାଶନ ଉଇକ୍‌ରେ ବି ରନୱେ ଫ୍ୟାଶନ ଡିଜାଇନର୍ ହୋଇଛନ୍ତି। ତାଙ୍କ ନାଁ ସବୁଠାରୁ କମ୍ ବୟସର ରନୱେ ଫ୍ୟାଶନ ଡିଜାଇନର୍ ଭାବେ ଗିନିଜ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି। କୁନି କୁନି ହାତରେ ମାକ୍ସ ଏତେ ସୁନ୍ଦର ଡିଜାଇନର୍



ଡ୍ରେସ୍ ତିଆରି କରିପାରନ୍ତି ଯେ, ବଡ଼ ବଡ଼ ଫ୍ୟାଶନ ଡିଜାଇନର୍ ବି ତାଙ୍କ ପ୍ରତିଭା ଦେଖି ତାଜୁବ ହେଇଯାଆନ୍ତି। ଡ୍ରେସ୍‌ର ସ୍କେଚିଂଠାରୁ ଆରମ୍ଭ କରି ତାକୁ ଫାଇନାଲ ଟଚ୍ ଦେବା ପର୍ଯ୍ୟନ୍ତ ସବୁକିଛି ମାକ୍ସ ନିଜେ କରନ୍ତି। ପିଲାଟି ଦିନରୁ ମାକ୍ସ ହାତରେ କଇଁଚି ଧରି କପଡ଼ା କାଟୁଥିଲେ। ଏହାକୁ ନଜରରେ ରଖି ତାଙ୍କ ମା'ବାପା ମାକ୍ସଙ୍କୁ ଏହି ଦିଗରେ ଆଗକୁ ବଢିବା ଲାଗି ପ୍ରୋତ୍ସାହନ ଦେଇଥିଲେ। ତା' ପାଇଁ ସୋସିଆଲ ମିଡ଼ିଆରେ ଆକାଉଣ୍ଟ ବି ଖୋଲିଦେଲେ। ଯେଉଁଥିରେ ମାକ୍ସ ତିଆରି କରୁଥିବା ବିଭିନ୍ନ ଡିଜାଇନର୍ ପୋଷାକର ଫଟୋକୁ ଅପଲୋଡ କରାଗଲା। ପ୍ରଥମେ ମାକ୍ସ ନିଜ ବୟସର ପିଲାଙ୍କ ପାଇଁ ପୋଷାକ ଡିଜାଇନ୍ କରୁଥିଲେ। ପରେ ବଡ଼ମାନଙ୍କ ପାଇଁ ଡ୍ରେସ୍ ଡିଜାଇନ୍ କଲେ। ମଡେଲମାନେ ଯେବେ ତାଙ୍କ ପୋଷାକ ପିନ୍ଧନ୍ତି କେହି ବିଶ୍ୱାସ କରିପାରନ୍ତି ନାହିଁ ଯେ, ତାକୁ ଏତେ କମ୍ ବୟସର ପିଲାଟିଏ କରିଛି ବୋଲି। ବୟସ ବଢିବା ସହ ମାକ୍ସଙ୍କର ଏହି ପ୍ରତିଭା ଅଧିକ ମାର୍ଜିତ ହେଲା। ତାଙ୍କ ପୋଷାକ ଅନେକ ଫ୍ୟାଶନ ଶୋ'ର ଅଂଶ ହୋଇଛି।

# ଗୋଟେ ଆଙ୍ଗୁଠିରେ ପୁଶ୍ ଅପ୍

ପୁଶ୍ ଅପ୍ କରିବା ଆଦୌ ସହଜ ନୁହେଁ। ଦୁଇ ହାତରେ ଯେଉଁଠି ଏହାକୁ କରି ହୁଏନା ସେଠି ଜଣେ ବ୍ୟକ୍ତି ମାତ୍ର ଗୋଟିଏ ଆଙ୍ଗୁଠିରେ ସର୍ବାଧିକ ପୁଶ୍ ଅପ୍ କରି ରେକର୍ଡ କରିଛନ୍ତି। ସେ ହେଉଛନ୍ତି ଜି ଗୁଇଝୋଙ୍ଗ। ସେ ୩୦ ସେକେଣ୍ଡରେ ସର୍ବାଧିକ ୪୧ ଥର ପୁଶ୍ ଅପ୍ସ କରିଥିଲେ।ଏଇଥିରୁ ଅନୁମାନ କରିହୁଏ ତାଙ୍କର ଗୋଟିଏ ଆଙ୍ଗୁଠିର ଶକ୍ତି ସହ ଆମର ଦୁଇ ହାତର ଶକ୍ତି ବି ସମାନ ହେବ ନାହିଁ। ଖୁବ୍ ଷ୍ଟ୍ରଙ୍ଗ ତାଙ୍କର ଆଙ୍ଗୁଠି। ୨୦୧୧ ମସିହା ଡିସେମ୍ବର ମାସ ୮ ତାରିଖରେ ସେ ଏହି ରେକର୍ଡ କରିଥିଲେ। ପୂର୍ବେ ସେ ୩୦ ସେକେଣ୍ଡରେ ୨୫ ଥର ପୁଶ୍ ଅପ୍ସ କରି ରେକର୍ଡ କରିଥିଲେ। ଆଉ ୨୦୧୧ରେ ସେ ନିଜର ରେକର୍ଡକୁ ଭାଙ୍ଗି ୩୦ ସେକେଣ୍ଡରେ ୪୧ ଥର ପୁଶ୍ ଅପ୍ସ କଲେ। ଆଉ ନୂଆ ଏକ ରେକର୍ଡ ସୃଷ୍ଟି କଲେ।

